

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୨ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 DECEMBER 2023
Vol.No. 34 ■ No. 325■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତି ବୈଧ: ସୁପ୍ରିମକୋର୍ଟ

### ସୁପ୍ରିମକୋର୍ଟଙ୍କ ରାୟ ଆଶାର କିରଣ, ପ୍ରଗତିର ପ୍ରତିଶ୍ରୁତି: ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୧୧/୧୨ : ଧାରା ୩୭୦ ଉଚ୍ଛେଦ ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କଲେ ସୁପ୍ରିମକୋର୍ଟ। ଜମ୍ମୁ କଶ୍ମୀରରୁ ଏହି ଧାରା ଉଚ୍ଛେଦ କରି କୌଣସି ଭୁଲ୍ କରିନାହାନ୍ତି କେନ୍ଦ୍ର ସରକାର। ଧାରା ଉଚ୍ଛେଦ ସମ୍ପୂର୍ଣ୍ଣ ରୂପେ ବୈଧ ଓ ଆଇନ ସମ୍ମତ କହିଲେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ। କେନ୍ଦ୍ର ସରକାରଙ୍କ ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଘଉ, ଚଉଚ ସମେତ ଏକାଧିକ ଆବେଦନକାରୀ। ଏହି ମାମଲା ଉପରେ ଶୁଣାଣି କରି ଐତିହାସିକ ରାୟ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତର ମୁଖ୍ୟ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡଙ୍କୁ ନେଇ ଗଠିତ ପାଞ୍ଚ ଜଣିଆ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି। ଜମ୍ମୁ କଶ୍ମୀରରୁ ଧାରା ୩୭୦ ଓ ୩୫-ଏ ଉଚ୍ଛେଦ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରିବା ନିଷ୍ପତ୍ତି ବେଆଇନ ନୁହଁ ବୋଲି ଅଦାଲତ କହିଛନ୍ତି। କିନ୍ତୁ ଜମ୍ମୁ କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଖଣ୍ଡପୀଠ କହିଛନ୍ତି ଯେ, ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ରହିବ। କିନ୍ତୁ ତୁରନ୍ତ ଜମ୍ମୁ କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳୁ। ଏଥିସହ ଆସନ୍ତା ବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ଜମ୍ମୁ କଶ୍ମୀରରେ ସାଧାରଣ ନିର୍ବାଚନ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ପ୍ରକାଶ ସମୟରେ ଖଣ୍ଡପୀଠ କହିଛନ୍ତି, ସମ୍ବିଧାନରେ ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା। ଏହି ଧାରା ଉଚ୍ଛେଦ ବେଆଇନ ନୁହଁ। ଜମ୍ମୁ କଶ୍ମୀର ସ୍ୱତନ୍ତ୍ର ସାର୍ବଭୌମତ୍ୱ ବଜାୟ ରଖି ପାରିବ ନାହିଁ। ଏହା ମଧ୍ୟ ଦେଶର ଅନ୍ୟ ରାଜ୍ୟଗୁଡିକ ସହ ସମାନ। ଦୀର୍ଘ ଦିନ ଧରି ଏହି ମାମଲା ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ ସୁପ୍ରିମକୋର୍ଟ। ଶେଷରେ ଆଜି ମାମଲାର ରାୟ ପ୍ରକାଶ ପାଇଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ଓ ୩୫-ଏ ଉଚ୍ଛେଦ କରିଥିଲେ କେନ୍ଦ୍ର ସରକାର। ଏହାପରେ ଜମ୍ମୁ କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପରିବର୍ତ୍ତେ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ମିଳିଥିଲା। ଏଥିସହ ଲଦାଖ ମଧ୍ୟ ଜମ୍ମୁ କଶ୍ମୀରରୁ ଅଲଗା ହୋଇ କେନ୍ଦ୍ରଶାସିତ ଅଞ୍ଚଳରେ ପରିଗଣିତ ହୋଇଥିଲା।

## ନକ୍ସଲଙ୍କ ଆଇଡି ବିସ୍ଫୋରଣ: ୨ ଯବାନ ଗୁରୁତର

ମାଲକାନଗିରି, ୧୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଛତିଶଗଡ଼ର ସୁକମାରେ ନକ୍ସଲଙ୍କ ଆଇଡି ବିସ୍ଫୋରଣରେ ୨ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି। ଆଜି ସକାଳେ ଡ଼ାମବାମ ଉଜଚର କ୍ୟାମ୍ପରୁ କୋବ୍ରା ଯବାନମାନେ ସର୍ଚ୍ଚ ଅପରେସନରେ ଯାଇଥିଲେ। ସାଲାତୋଙ୍ଗ ଜଙ୍ଗଲରେ ନକ୍ସଲ ଯବାନମାନଙ୍କୁ ଟାର୍ଗେଟ୍ କରି ଆଇଡି ବିସ୍ଫୋରଣ କରିଥିଲେ। ବିସ୍ଫୋରଣରେ ୨ ଯବାନ ଆହତ ହୋଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ହେଲିକପ୍ଟର ସାହାଯ୍ୟରେ ରାୟପୁର ସ୍ଥାନାନ୍ତର କରାଯାଇଛି। ଆଇଡି ବିସ୍ଫୋରଣ ପରେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି।

## ପୁରୀରେ ଏନ୍‌କାଉଣ୍ଟର

ପୁରୀ, ୧୧/୧୨ (ନି.ପ୍ର): ପୁରୀରେ ଆଜି ହୋଇଛି ଏନ୍‌କାଉଣ୍ଟର। ଏଥିରେ ଆହତ ହୋଇଛି ଦୁର୍ଦ୍ଦାନ୍ତ ଅପରାଧୀ ସନ୍ତୁ ବାରିକ। ତା' ଗୋଡ଼ରେ ଗୁଳି ବାଜିଛି। ତାକୁ ପୁରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କିଛି ଦିନ ତଳେ ଝିଲି ସାହୁ ନାମକ ଜଣେ ମହିଳାଙ୍କୁ ଗୁଳି କରି ଫେରାର ହୋଇଯାଇଥିଲା ସନ୍ତୁ। ପୁରୀ ସିଟି ଡିଏସ୍‌ପିଙ୍କ ସୂଚନା ଅନୁଯାୟୀ, ସନ୍ତୁ ବାରିକ ପୁରୀ-ବ୍ରହ୍ମଗିରି ରାସ୍ତା ଗିରଳ ଜଙ୍ଗଲରେ ଲୁଚିଥିଲା। ପୁଲିସ୍ ଏ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହା ପରେ ପୁଲିସ୍‌ର ଏକ ଟିମ୍ ସେଠାରେ ସନ୍ଧ୍ୟା ପ୍ରାୟ ୫ଟା ବେଳେ ଚଢ଼ାଉ କରିଥିଲା।

▶▶ପୃଷ୍ଠା ୭

## ଭାଙ୍ଗିଯିବ କର୍ଣ୍ଣାଟକର କଂଗ୍ରେସ ସରକାର

ନୂଆଦିଲ୍ଲୀ, ୧୧/୧୨ : 'କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରରେ ସବୁ କିଛି ଠିକ୍‌ଠାକ୍ ଚାଲି ନାହିଁ। ଖୁବ୍‌ଶୀଘ୍ର ଏହା ଭାଙ୍ଗିଯାଇପାରେ।' ଜେଡି (ଏସ୍) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଏହି ଦାବି କରିଛନ୍ତି। ସେ କହିଛନ୍ତି, ଜଣେ ରାଷ୍ଟ୍ରମନ୍ତ୍ରୀ କଂଗ୍ରେସ ଛାଡ଼ି ବିଜେପିରେ ମିଶିପାରନ୍ତି। ତାଙ୍କ ସହିତ ୫୦-୬୦ କଂଗ୍ରେସ ବିଧାୟକ ମଧ୍ୟ ବିଜେପିରେ ମିଶିପାରନ୍ତି। କଂଗ୍ରେସ ସରକାର ଖୁବ୍‌ଶୀଘ୍ର ଭାଙ୍ଗିଯାଇପାରେ। କିଛି ବି ହୋଇପାରେ। ସେମାନଙ୍କ ମଧ୍ୟରେ ଆଉ କୌଣସି ସଚ୍ଚୋଟପଣିଆ ଓ ପ୍ରତିବଦ୍ଧତା ନାହିଁ। କିଏ ସେହି ରାଷ୍ଟ୍ରମନ୍ତ୍ରୀ ଯିଏ କଂଗ୍ରେସ ଛାଡ଼ି ବିଜେପିରେ ମିଶିବାକୁ ଚାହୁଁଛନ୍ତି ? ଏ ପ୍ରଶ୍ନର ଉତ୍ତର କୁମାରସ୍ୱାମୀ ସିଧାସିଧା ଦେଇ ନାହାନ୍ତି। ସେ କହିଛନ୍ତି, ଏଭଳି ଦୁଃସାହାସ ଛୋଟ ନେତାମାନଙ୍କଠାରୁ ଆଶା କରାଯାଇପାରିବ ନାହିଁ। କେବଳ ପ୍ରଭାବଶାଳୀ ନେତାମାନେ ଏଭଳି କାମ କରିପାରିବେ। ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ଓ ଜେଡି (ଏସ୍) ପରସ୍ପରକୁ ତୀବ୍ର ସମାଲୋଚନା କରୁଛନ୍ତି। ଗତ ସପ୍ତାହରେ କୁମାରସ୍ୱାମୀ ଅଭିଯୋଗ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ସନ୍ତୁଷ୍ଟୀକରଣ ରାଜନୀତି କରୁଛନ୍ତି। କର୍ଣ୍ଣାଟକା ସରକାର ସଂଖ୍ୟାଲଘୁ ବିଭାଗ ପାଇଁ ପାଣ୍ଠି ବୃଦ୍ଧି କରିଥିବା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା କହିବା ପରେ କୁମାରସ୍ୱାମୀ ଏଭଳି ପ୍ରତିକ୍ରିୟା ରଖିଥିଲେ। ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଯେଉଁଠ ସ୍ଥାନକୁ ଯାଉଛନ୍ତି ଏଭଳି କଥା କହୁଛନ୍ତି। ଗତ ୬ ମାସରେ ତାଙ୍କ ସରକାର କିଛି ଉନ୍ନୟନମୂଳକ କାର୍ଯ୍ୟ କରି ନାହିଁ।

## ଲାଞ୍ଚ ନେଇ ଧରାପଡ଼ିଲେ ମହିଳା ଫରେଷ୍ଟ ଗାର୍ଡ ଓ ଜଗୁଆଳି

ଝାରସୁଗୁଡ଼ା, ୧୧/୧୨ (ନି.ପ୍ର): ୧୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବନ୍ଧବାହାଲ ବନଖଣ୍ଡର ମହିଳା ଫରେଷ୍ଟ ଗାର୍ଡ ଝରଣା ସାହୁ ଓ ଜଗୁଆଳି ସଞ୍ଜୟ ବାରିକ। ଦଳଗାଁ ପଞ୍ଚାୟତର ସୋଲପାଲି ଗାଁର ଅରବିନ୍ଦ ସେଟଙ୍କୁ ଗଛ କାଟିବା ପାଇଁ ଅନୁମତି ଦେବାକୁ ଲାଞ୍ଚ ମାଗିଥିଲେ ଫରେଷ୍ଟ ଗାର୍ଡ ଝରଣା ସାହୁ। ଏନେଇ ଅରବିନ୍ଦ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା



ଅନୁଯାୟୀ ଆଜି ଅରବିନ୍ଦ ଫରେଷ୍ଟ ଗାର୍ଡ ଝରଣା ସାହୁ ଓ ଜଗୁଆଳି ସଞ୍ଜୟ ବାରିକଙ୍କୁ ଟଙ୍କା ଦେଉଥିବା ବେଳେ ମାଡ଼ି ବସିଥିଲା ଭିଜିଲାନ୍ସ। ଭିଜିଲାନ୍ସ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛି। ଜଗୁଆଳି ସଞ୍ଜୟଙ୍କ ପକେଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା।

## ଲୁଟେରାଙ୍କ ଚରାଭୂଇଁ ପାଲଟିଛି ରାଜଧାନୀ: ଏଟିଏମ୍ ଭାଙ୍ଗି ୧୦ ଲକ୍ଷ ଲୁଟ୍

ଭୁବନେଶ୍ୱର, ୧୧ /୧୨ (ନି.ପ୍ର): କମିଶନରେଟ୍ ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ୍। ରବିବାର ରାତିରେ ଲୁଟେରା ଟାର୍ଗେଟ କରିଥିଲେ ଲିଙ୍ଗରାଜ ଥାନା ଅଞ୍ଚଳର ହାଟସାହିର ଏସବିଆଇ ଏଟିଏମକୁ। ଗ୍ୟାସ୍ କଟରରେ ଏଟିଏମକୁ କାଟିବା ପରେ ପୂରା କ୍ୟାସ୍ ଚ୍ୟାମ୍ବରରେ କଳାକନା ବୁଲାଇ ଚମ୍ପଟ୍ ମାରିଥିଲେ ଲୁଟେରା। ନେଇଯାଇଥିଲେ ୧୦ ଲକ୍ଷ ୫୯ ହଜାର ଟଙ୍କା। ସିସିଟିଭିରୁ ବର୍ତ୍ତିବା ପାଇଁ ତା'ଉପରେ କିଛି ତରଳ ପଦାର୍ଥ ସ୍ପ୍ରେ କରି ଦେଇଥିଲେ। ଗତ କିଛି ଦିନ ମଧ୍ୟରେ ରାଜଧାନୀରେ ଘନଘନ ଚୋରି ହେଉଥିବା ବେଳେ ଗତକାଲି ରାତିର ଏହି ଘଟଣା ପୁଲିସର ନିଦ ହଜାଇ ଦେଇଛି। ଲୁଟ୍ ଖବର ପାଇବା ପରେ ଖୋଦ୍ ଡିସିପି ଘଟଣା ସ୍ଥଳକୁ ଯିବା ସହ ଲୁଟେରାଙ୍କ ଲୁଟ୍ ଷ୍ଟାଇଲ ନେଇ ଅନୁଧ୍ୟାନ କରିଛନ୍ତି। ଏଥିସହ ଆଖପାଖରେ ଲାଗିଥିବା ସିସିଟିଭିକୁ ମଧ୍ୟ ଯାଞ୍ଚ କରିଛନ୍ତି। ଗତ କିଛି ଦିନ ଧରି ରାଜଧାନୀରେ ଚାଲିଥିବା ଲୁଟପାଟ୍ ସହ ଏଟିଏମ୍ ଲୁଟରେ ରାଜ୍ୟ ବାହାର ଲୁଟେରା ଗ୍ୟାଙ୍ଗର ହାତ ଥିବା ପୁଲିସ ସନ୍ଦେହ କରୁଛି। ଲିଙ୍ଗରାଜ ମନ୍ଦିରଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ଏସବିଆଇ ଏଟିଏମ୍‌ରୁ କିଭଳି ଲୁଟ୍ ହେଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପରେ ଗୋଟିଏ ଲୁଟ୍ ସହ ସତେ ଯେମିତି ଏବେ ଲୁଟେରାଙ୍କ ଚରାଭୂଇଁ ପାଲଟିଛି ରାଜଧାନୀ ଭୁବନେଶ୍ୱର। ଗତ କିଛି ଦିନ ମଧ୍ୟରେ ପାଖାପାଖି ୧୨ଟି ଆପାର୍ଟମେଣ୍ଟରୁ କୋଟିଏରୁ ଅଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ବେଳେ ପୁଲିସର ହାତ ଏ ପର୍ଯ୍ୟନ୍ତ ଖାଲି ପଡ଼ିଛି। ନନ୍ଦନକାନନ ଅଞ୍ଚଳରେ ଦମ୍ପତିଙ୍କୁ ବାନ୍ଧି ସଶସ୍ତ୍ର ଡକାୟତି ମାମଲାରେ ମଧ୍ୟ ପୁଲିସ କାହାକୁ ପାଉନାହିଁ। ଏକାଧିକ ଲୁଟ୍ ମାମଲାରେ ଲୁଟେରାମାନେ ସିସିଟିଭିରେ ନଜରକୁ ଆସିଥିଲେ ବି ପୁଲିସ୍ ସେମାନଙ୍କ ପାଖରେ ପହଞ୍ଚି ପାରିନାହିଁ।

## ଲୋକଙ୍କୁ ମିଳିବ ଖୁସି ଖବର: ଖୁବଶୀଘ୍ର କମିବ ତୈଳଦର

ନୂଆଦିଲ୍ଲୀ, ୧୧/୧୨ : ମହଙ୍ଗା ମାଡ଼ରେ ଆଉଟ ପାଉଟ ହେଉଥିବା ଲୋକଙ୍କୁ ଖବୁଶୀଘ୍ର ଖୁସି ଖବର ମିଳିପାରେ। କାରଣ ଦୀର୍ଘ ଗୋଟିଏ ବର୍ଷରୁ ଅଧିକ ସମୟ ହେଲା ବର୍ଦ୍ଧିତ ତୈଳ ଦର ଯୋଗୁ ସମସ୍ୟାରେ ପଡୁଥିବା ଲୋକଙ୍କୁ ଆଶ୍ୱସ୍ତି ମିଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଉଭୟ ପେଟ୍ରୋଲ ଓ ଡିଜେଲର ଦାମ



କମିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଆଗକୁ ସାଧାରଣ ନିର୍ବାଚନ ରହିଛି। ଏପରି ସ୍ଥିତିରେ ଅଶୋଧିତ ତୈଳ ଦରର ଦାମ ମଧ୍ୟ କମିଛି। ତେଣୁ ଏହାର ଲାଭ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ଆଲୋଚନା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଜାତୀୟ ଗଣମାଧ୍ୟମରେ ▶▶ପୃଷ୍ଠା ୭

## ସରକାରୀ ଖାତାକୁ ଗଲା ମଦଭାଟିରୁ ଜବତ ଟଙ୍କା

ବଲାଙ୍ଗିର, ୧୧/୧୨ (ନି.ପ୍ର): କଂଗ୍ରେସ ସାଂସଦ ଧୀରଜ ସାହୁଙ୍କ ଠିକଣାରେ ଚାଲିଥିବା ଆୟକର ବିଭାଗର ଚଢଉ ରବିବାର ଶେଷ ହୋଇଥିବା ବେଳେ ଏବେ ଲକ୍‌ର ଖୋଲତାଡ଼ ଆରମ୍ଭ କରିଛନ୍ତି ଆୟକର ବିଭାଗ। ଏହି ଚଢଉରେ ରେକର୍ଡ ପ୍ରାୟ ୩୫୩ କୋଟି ଟଙ୍କା ଜବତ ହୋଇଛି। ଆଉ ଜବତ ଟଙ୍କାକୁ ସୋମବାର ଏସବିଆଇ ବଲାଙ୍ଗିର ମୁଖ୍ୟ ଶାଖାରେ ଜମା କରାଯାଇଛି। ୨୮୫ କୋଟି ଟଙ୍କା ଜମା କରିଥିବା ଜଣା ଯାଇଛି। ଶେଷରେ ସରକାରୀ ଖାତାକୁ



ଯାଇଛି ମଦଭାଟିରୁ ଜବତ ଟଙ୍କା। ଏସବୁ ଅର୍ଥକୁ ଗଣିବା ପାଇଁ ପାଖାପାଖି ୫ ଦିନ ସମୟ ଲାଗିଥିଲା। ଏହି ସମୟରେ ଆଇଟିର ଅଧିକାରୀ ଓ ବ୍ୟାଙ୍କ କର୍ମଚାରୀ ଘଣ୍ଟା ଘଣ୍ଟା ବସି ପୁଳା ପୁଳା ଟଙ୍କାର ନୋଟ୍ ଗଣତି କରିଥିଲେ। ▶▶ପୃଷ୍ଠା ୭

## ପ୍ରକାଶ ହତ୍ୟାକାଣ୍ଡର ପର୍ଦ୍ଦାଫାସ: ମା'ପୁଅ ଗିରଫ

କଟକ, ୧୧/୧୨ (ନି.ପ୍ର): କଟକ ଜିଲ୍ଲା ନିଆଳି ଥାନା କସର୍ଦ୍ଦା କବିଚନ୍ଦ୍ରପୁରର ପ୍ରକାଶ ସାହୁ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରକାଶଙ୍କୁ ହତ୍ୟା କରାଯାଇଥିବା କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସପି ଦେବଦତ୍ତ ବରାଳ ସୂଚନା ଦେଇଛନ୍ତି। ଏହି ଘଟଣାରେ ନିଆଳି ପୁଲିସ ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କବିଚନ୍ଦ୍ରପୁର ଗାଁର ହୃଦାନନ୍ଦ ସାହୁଙ୍କ ପୁଅ ଜୟଦେବ ସାହୁଙ୍କର ପ୍ରକାଶ ସାହୁଙ୍କ ସହିତ ଦୀର୍ଘ ବର୍ଷ ଧରି ବିବାଦ ଲାଗିରହିଥିଲା। ଘଟଣା ଦିନ ବିଳମ୍ବିତ ରାତିରେ ଜୟଦେବଙ୍କ ଘରକୁ ପ୍ରକାଶ ଯାଇଥିଲେ। ପ୍ରକାଶଙ୍କୁ ଦେଖି ଜୟଦେବ ରାଗି ଯାଇଥିଲେ। ସେଠାରେ ଉଭୟଙ୍କ ଭିତରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଏହାପରେ ଜୟଦେବ ଉତ୍‌କ୍ଷିପ୍ତ ହୋଇ ପ୍ରକାଶଙ୍କ ମୁଣ୍ଡକୁ ହେମଦସ୍ତା ବାଡ଼ିରେ ପିଟି ଦେଇଥିଲେ। ଫଳରେ ପ୍ରକାଶଙ୍କ ମୃତ୍ୟୁ ହୋଇଯାଇଥିଲା। ଜୟଦେବ ଏକ ପ୍ଲାଷ୍ଟିକ ଦୌଡ଼ିରେ ପ୍ରକାଶଙ୍କ ହାତଗୋଡ଼କୁ ବାନ୍ଧି ଜରି ଅଖାରେ ଭର୍ତ୍ତି କରି ଦେଇଥିଲେ। ପ୍ରକାଶଙ୍କ ଶବକୁ ଜୟଦେବ ଓ ତାଙ୍କ ମା' ତନୁବାଳା ସାହୁ ଘର ପାଖ ଏକ ପୋଖରୀରେ ଫିଙ୍ଗି ଦେଇଥିଲେ। ପୁଲିସ୍ ତଦନ୍ତ ବେଳେ ଏହି ହତ୍ୟାକାଣ୍ଡରେ ମା'ପୁଅଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନିଆଳି ପୁଲିସ।

## ଏଥିକ୍ସ କମିଟି ରିପୋର୍ଟକୁ ଚ୍ୟାଲେଞ୍ଜ କଲେ ମହୁଆ ମୋଇତ୍ର

ନୂଆଦିଲ୍ଲୀ, ୧୧/୧୨ :ସଂସଦର ସଦସ୍ୟତା ହରାଇବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଟିଏମସି ସାଂସଦ । ନିଜ ଉପରେ ଲାଗିଥିବା ବହିଷ୍କାରକୁ ଚ୍ୟାଲେଞ୍ଜ ଦେବା ପାଇଁ ସୁପ୍ରିମକୋର୍ଟ ପହଞ୍ଚିଛନ୍ତି ମହୁଆ ମୋଇତ୍ର । ଟଙ୍କା ନେଇ ପ୍ରଶ୍ନ ପଚାରିବା ମାମଲାରେ ଏଥିକ୍ସ କମିଟି ମାମଲାର ରିପୋର୍ଟକୁ ଲୋକସଭା ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରିଥିଲା । ଯାହା ପରେ ଶୁକ୍ରବାର ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ବହିଷ୍କାର କରିଥିଲେ । ମହୁଆଙ୍କ ବିରୋଧରେ ଟଙ୍କା ନେଇ ପ୍ରଶ୍ନ ପଚାରିବାର ସାଂଘାତିକ ଅଭିଯୋଗ ଲଗାଇଥିଲେ ବିଜେପି ସାଂସଦ ନିଶିକାନ୍ତ ଦୁବେ । ମାମଲାର ଯାଞ୍ଚ ପାଇଁ ଲୋକସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖିଥିଲେ ନିଶିକାନ୍ତ । ଏହା ପରେ ବିନୋଦ କୁମାର ସୋନକରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା । କମିଟି ନଭେମ୍ବର ୯ ତାରିଖରେ ମହୁଆଙ୍କ ସଦସ୍ୟତା ରଦ୍ଦ କରିବାକୁ ସୁପାରିସ କରିବା ସହ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଥିଲା । ମହୁଆ ନିଜ ସଂସଦୀୟ ଆଇଡି ଲଗଇନ୍ ଓ ପାସୱାର୍ଡ ବ୍ୟବସାୟୀ ହୀରାନନ୍ଦାନୀଙ୍କୁ ଦେଇଥିବା ତଦନ୍ତ ବେଳେ ସାମ୍ନାକୁ ଆସିଥିଲା । କମିଟି ଏହାକୁ ଗୁରୁତ୍ୱର ସହ ନେଇ ମାମଲା ଜାତୀୟ ସୁରକ୍ଷାର ଉଲ୍ଲଂଘନ ହୋଇଥିବା ଜାଣିବାକୁ ପାଇଥିଲା । ଯାହା ପରେ ଏହାର ରିପୋର୍ଟ ଲୋକସଭା ଅଧ୍ୟକ୍ଷଙ୍କୁ ପାଖକୁ ପଠାଯାଇଥିଲା । ଏବେ ମହୁଆ ନିଜ ବହିଷ୍କାର ବିରୋଧରେ ସୁପ୍ରିମକୋର୍ଟ ଯିବା ପରେ ଆଗକୁ କ'ଣ ରହିବ ପଦକ୍ଷେପ, ତା' ଉପରେ ସମସ୍ତଙ୍କ ନଜର ।

## ମୋହନ ଯାଦବ ହେବେ ମଧ୍ୟପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୧୧/୧୨ : ମଧ୍ୟପ୍ରଦେଶରେ କିଏ ହେବେ ମୁଖ୍ୟମନ୍ତ୍ରୀ ତାକୁ ନେଇ ଜାରିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି । ବିଜେପି ବିଧାୟକ ମୋହନ ଯାଦବ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ । ସୋମବାର ବିଧାୟକ ଦଳ ବୈଠକରେ ଦକ୍ଷିଣ ଉଜ୍ଜୈନରୁ ବିଧାୟକ ମୋହନ ଯାଦବଙ୍କ ନାଁ ଘୋଷଣା କରାଯାଇଛି । ସେହିପରି ଜଗଦୀଶ ଦେଓ୍ୱଡ଼ା ଓ ରାଜେନ୍ଦ୍ର ଶୁକ୍ଲା ଉପମୁଖ୍ୟମନ୍ତ୍ରୀ ହେବେ । ନିକଟରେ କେନ୍ଦ୍ର କୃଷି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ନରେନ୍ଦ୍ର ସିଂ ତୋମାରଙ୍କୁ ବାଚସ୍ପତି କରାଯାଇଛି । ସୂଚନା ଅନୁସାରେ ଶିବରାଜ ସିଂ ଚୌହାନ ମୁଖ୍ୟମନ୍ତ୍ରୀ ନାଁ ପଦ ପାଇଁ ମୋହନ ଯାଦବଙ୍କ ନାଁର ପ୍ରସ୍ତାବ ବିଧାୟକ ଦଳ ବୈଠକରେ ରଖିଥିଲେ । ୫୮ ବର୍ଷୀୟ ମୋହନ ଯାଦବ ତୃତୀୟ ଥର ପାଇଁ ବିଧାୟକ ହୋଇଛନ୍ତି । ସେ ୨୦୧୮ରେ ଶିବରାଜ ସିଂ ସରକାରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ହୋଇଥିଲେ । ଦକ୍ଷିଣ ଉଜ୍ଜୈନରୁ ବିଜେପି ବିଧାୟକ ମୋହନ ଯାଦବଙ୍କୁ ସଂଘର ଅତି ନିକଟତର କୁହାଯାଏ । ସେ ସଂଘର ଅନେକ ପଦରେ ଦୀର୍ଘ ବର୍ଷ ଧରି କାମ କରିସାରିଛନ୍ତି । ଏହାସହ ସେ ବିଦ୍ୟାର୍ଥୀ ପରିଷଦରେ ମଧ୍ୟ ସେ ନିଜ ସେବା ପ୍ରଦାନ କରିସାରିଛନ୍ତି । ଏହା ପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ନାଁ ସ୍ଥିର କରିବା ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ବିଜେପିର ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଥିଲେ । ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର, ବିଜେପି ସାଂସଦ କେ.ଲକ୍ଷ୍ମଣ ଓ ପାର୍ଟିର ନେତା ଆଶା ଲକଡ଼ା ଭୋପାଳ ସ୍ଥିତ ରାଜ୍ୟ ମୁଖ୍ୟାଳୟରେ ବିଧାୟକଙ୍କ ସହ ବୈଠକ କରିଥିଲେ । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ନାଁ ଉପରେ ମୋହର ବାଜିଛି । ନିକଟରେ ଶେଷ ହୋଇଥିବା ମଧ୍ୟ ପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପି ୨୩୦ ଆସନରୁ ୧୬୩ରେ ବିଜୟୀ ହୋଇ ବିପୁଳ ବହୁମତ ସହ ପୁଣି ଥରେ ସରକାର ଗଢିବା ପାଇଁ ସମର୍ଥ ହୋଇଥିଲା । ଅନ୍ୟପଟେ କଂଗ୍ରେସକୁ ମାତ୍ର ୬୬ ଆସନ ମିଳିଥିଲା । ମୋହନ ଯାଦବ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାକୁ ଥିବା ବେଳେ ଛତିଶଗଡ ଭଳି ୨ ଉପ-ମୁଖ୍ୟମନ୍ତ୍ରୀ ଫର୍ମୁଲା ଆପଣାଇଛି ବିଜେପି । ମୋହନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଥିବା ବେଳେ ରାଜେଶ ଶୁକ୍ଲା ଓ ଜଗଦୀଶ ଦେବଡା ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ସେହିଭଳି ଅନୁଭବୀ ନେତା ନରେନ୍ଦ୍ର ସିଂ ତୋମାରଙ୍କୁ ବାଚସ୍ପତି ଭାବେ ଦେଖିବାକୁ ମିଳିବ । ଏହାପୂର୍ବରୁ ନରେନ୍ଦ୍ର ସିଂ ତୋମାର ମୁଖ୍ୟମନ୍ତ୍ରୀ ରେସରେ ରହିଥିଲେ । କିନ୍ତୁ ରାଜନୈତିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଗୃହର ସୁପରିଚାଳନା ପାଇଁ ତୋମାରଙ୍କୁ ବାଚସ୍ପତି ଭାବେ ବାଛିଛନ୍ତି ବିଜେପି ବିଧାୟକ ।

# ୭୫ତମ ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ମାନବ ଅଧିକାର ଦିବସ ହେଉଛି ଏକ ଐତିହାସିକ ଦିବସ ବୋଲି କହିଛନ୍ତି ପୂର୍ବତନ ହାଇକୋର୍ଟ ବିଚାରପତି ତଥା ରାଜ୍ୟ ମାନବ ଅଧିକାର କମିଶନ ଅଧ୍ୟକ୍ଷ ଶ୍ରୀ ଶତ୍ରୁଘ୍ନ ପୂଜାରୀ ।

ଆଜି ପୂର୍ବାହ୍ନରେ ତୋଷାଳୀ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ୭୫ତମ ବିଶ୍ୱ ମାନବ ଅଧିକାର ଦିବସ ଅବସରରେ ଶ୍ରୀ ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଉକ୍ତିକୁ ଉଦ୍ଧାର କରି କହିଲେ ଯେ ସ୍ୱାଧୀନ ଚେତନା ନେଇ ସମ୍ମାନର ସହ ବଂଚିବାର ଅଧିକାର ହେଉଛି ପ୍ରତ୍ୟେକ ମଣିଷର ମାନବୀୟ ଅଧିକାର । ଆମର ସମ୍ବିଧାନ ବହୁସଶକ୍ତ, ଯାହାକି ସମାଜର ଧନୀ କି ଦରିଦ୍ର ସମସ୍ତ ବ୍ୟକ୍ତିଙ୍କୁ ସମାନ ନ୍ୟାୟ ଓ ସମାନ ଅଧିକାର ପ୍ରଦାନ କରିଥାଏ । ରାଜ୍ୟ ମାନବ ଅଧିକାର ଆୟୋଗକୁ ଇନ୍ଦିରା ଆବାସ, ପରିବାର ପେନ୍‌ସନ୍ ଏବଂ ଶିକ୍ଷା ଆଦି କ୍ଷେତ୍ରରେ ଯେତେସବୁ ଆବେଦନ ଓ ଅଭିଯୋଗ ଆସିଥାଏ ତାହାକୁ ସଙ୍ଗେ ସଙ୍ଗେ ଫଇସଲା କରାଯାଇଥାଏ ବୋଲି ଅଧ୍ୟକ୍ଷ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ । ଏହି ଅବସରରେ ରାଜ୍ୟ ମାନବ ଅଧିକାର ଆୟୋଗର ସ୍ୱତନ୍ତ୍ର ପୋଲିସ ଡିଜି ଶ୍ରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଆୟୋଗର ସଦସ୍ୟ ଶ୍ରୀ ଅସୀମ ଅମିତାଭ ଦାଶ ଏବଂ ସଦସ୍ୟ ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମାନବିକ ଅଧିକାର ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ରାଜ୍ୟ ମାନବ ଅଧିକାର ଆୟୋଗର ରେଜିଷ୍ଟ୍ରାର ଶ୍ରୀମତୀ ଏସ୍. ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗୀୟ ଯୁଗ୍ମ ଶାସନ ସଚିବ ଶ୍ରୀ ବିଶ୍ୱଜିତ ଚନ୍ଦ୍ର ବର୍ମନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମାନବ ଅଧିକାର ଆୟୋଗର ସଦସ୍ୟସଦସ୍ୟା, ପଦାଧିକାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀ ଆଇଟିଆଇରେ ନୂତନ ଉଚ୍ଚାଭିଳାଷା ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

ଫୁଲବାଣୀ, ୧୧/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରଥମ ପର୍ଯ୍ୟାୟରେ କନ୍ଧମାଳ ଜିଲ୍ଲା ସମେତ ୧୧ ଗୋଟି ଜିଲ୍ଲାରେ ନୂତନ ଉନ୍ନତ ଅଭିଳାଷା ଓଡ଼ିଶାକୁ ଭିଡିଓ କନ୍ଫରେନ୍ସି ମାଧ୍ୟମରେ ଆଜି ଶୁଭାରମ୍ଭ କରିବା ସହିତ ନୂତନ ଉନ୍ନତ ଅଭିଳାଷା ଓଡ଼ିଶା ଅଧୀନରେ ଡିଜିଟାଲ୍ ଦକ୍ଷତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହାସହିତ ନୂତନ ଉନ୍ନତ ଅଭିଳାଷା ଓଡ଼ିଶା ଅଧୀନରେ ବିକେନ୍ଦ୍ରୀକରଣ ଦକ୍ଷତାର ମଧ ଶୁଭାରମ୍ଭ କରିଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରିତିରଞ୍ଜନ ଘଡ଼ାଇ । ଏହି ନୂଆ-ଓ ଅଧିନରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଯୁବକ ଯୁବତୀମାନେ ନିଜ ନିଜର ଦକ୍ଷତା ବୃଦ୍ଧିକରିବା ସହିତ ରାଜ୍ୟର ଉନ୍ନତିରେ ଭାଗିଦାରୀ ହୋଇପାରିବେ । ଦକ୍ଷତା ବିକାଶ ତଥା ନିୟୋଜନ ନିର୍ଦ୍ଦେଶକ ରେଘୁ ଜି ଙ୍କ ସୂଚନାରୁ ଜଣାପଡ଼ିଛିଯେ, ଏଣିକି ଶିକ୍ଷ ତାଲିମ ନେଉଥିବା ପିଲାମାନେ ଶିକ୍ଷ ତାଲିମ ନେବା ସହିତ ମାଟ୍ରିକ ଠାରୁ ଆରମ୍ଭ କରି ପୋଷ୍ଟ ଗ୍ରାଜୁଏଟ୍ ପର୍ଯ୍ୟନ୍ତ ଯୋଗ୍ୟତା ହାସଲ କରିପାରିବେ । ସେଥିପାଇଁ ସରକାର ନାସନାଲ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଙ୍ଗ୍ ଅଧିକ୍ଷଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଜଣେ ଶିକ୍ଷ ତାଲିମ ନେଇଥିବା ବ୍ୟକ୍ତି ଏହିଭଳି ଭାବରେ ଶିକ୍ଷାଲାଭ କରି ଭାରତୀୟ ପ୍ରଶାସନିକ ସେବାରେ ନିଯୁକ୍ତି ପାଇପାରିଛନ୍ତି ବୋଲି ରେଘୁ ଜି ସୂଚନା ଦେଇଥିଲେ । ଶିକ୍ଷ ତାଲିମ ନେଉଥିବା ଶିକ୍ଷାର୍ଥୀମାନଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ଜଣା ପଡ଼ିଛି । ଏହି ଅବସରରେ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଫୁଲବାଣୀର ୨୪୦ ଜଣ ଛାତ୍ରଛାତ୍ରୀଙ୍କୁ ଗାୟତ୍ରୀ ଚାରିଟେବଲ୍ ଓ ଏଜୁକେସନାଲ୍ ଟ୍ରଷ୍ଟ ସୋଲାର୍ ପାନେଲ୍ ଇନ୍‌ଷ୍ଟାଲେସନ୍ ଟେକ୍ନିସିଆନ୍ ଟ୍ରେଡ୍ ପାଇଁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ କାଉନ୍ସିଲିଙ୍ଗ ହୋଇସାରିଛି ବୋଲି ଜିଲ୍ଲା ଦକ୍ଷତା ବିକାଶ- ତଥା- ନିୟୋଜନ ଅଧିକାରୀ ପୁରୁଷୋତମ ମହାପାତ୍ର ସୂଚନା ଦେଇଛନ୍ତି । କନ୍ଧମାଳ ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସେହି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୂଆ-ଓ ଅଧିନରେ ଥିବା ସମସ୍ତ ସୁଯୋଗର ଲାଭ ନେବାପାଇଁ ପରାମର୍ଶ ଦେଇଥିଲେ ।

# କବି ସଂଜୟ କୁମାର ମିଶ୍ରଙ୍କ ମାତୃବିୟୋଗ

ବଲାଙ୍ଗୀର, ୧୧/୧୨ (ନି.ପ୍ର): କବି ୟ, ସଂସ୍କୃତି ଗବେଷକ ଡକ୍ଟର ସଂଜୟ କୁମାର ମିଶ୍ର ଙ୍କ ମାତା ଶ୍ରୀମତୀ ଶାନ୍ତିଲତା ମିଶ୍ର ଙ୍କ ୭୧ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି । ଶ୍ରୀମତୀ ମିଶ୍ର ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାର ଦୀର୍ଘଦିନ ହେବ ଶଯ୍ୟାଶାୟୀ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ମନୋଜ କୁମାର ମିଶ୍ର, ବୋହୁ ମୀନା ଦାଶ, ସାନପୁଅ ସଂଜୟ କୁମାର ମିଶ୍ର, ବୋହୁ ସୁନନ୍ଦା ରଥ, ଝିଅ କଳ୍ପନା ଓ ଜ୍ୱାଇଁ ବସନ୍ତ କୁମାର ତ୍ରିପାଠୀ, ନାତି ନାତୁଣୀ ଓ ପରିବାରର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ସ୍ଥାନୀୟ ବିଭୁତି ପଡା ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ବଡପୁଅ ମନୋଜ ମୁଖାଗ୍ନି ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶ୍ରୀମତୀ ଶାନ୍ତିଲତା ଙ୍କ ଭାଇ ଡକ୍ଟର ଶ୍ରୀକର ମିଶ୍ର, ଡାକ୍ତର ସିଦ୍ଧେଶ୍ୱର ମିଶ୍ର, ପ୍ରଭାକର ମିଶ୍ର,ଡାକ୍ତର ପରମେଶ୍ୱର ମିଶ୍ର, ଭାସ୍କର ମିଶ୍ର,ଇଂ ନାରାୟଣ ପ୍ରସାଦ ମିଶ୍ର, ସପରିବାର ଉପସ୍ଥିତ ହେବାସହ ଶେଷ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲୋଟସ ଷଡଙ୍ଗୀ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା,ସନ୍ଦୀପ କୁମାର କୁଅଁର, ଅରୁଣ କୁମାର ମିଶ୍ର, ସୁଦୀପ ଗୁରୁ, ଯୁଧିଷ୍ଠିର ମେହେର, ଅରୁଣ କୁମାର ଖୁଆସ,ନରେଶ ସାହୁ , କୁନୁମେହେର, ଜଗୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀମତୀ ମିଶ୍ର ଜଣେ ଧର୍ମ ପରାୟଣା ମହିଳା ଥିଲେ । ତାଙ୍କର ବିୟୋଗ ରେ ଅନେକ ଶୋକ ପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ରେଙ୍ଗାଳି ବିସ୍ଥାପିତଙ୍କୁ ବର୍ଦ୍ଧିତ କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ସେମାନଙ୍କର ୭ ଦଫା ଦାବିକୁ ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ରେଙ୍ଗାଳି ବହୁମୁଖୀ ନଦୀବନ୍ଧ ଯୋଜନା ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା । ଏହା ରାଜ୍ୟର ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ କ୍ଷମତାକୁ ବହୁଗୁଣିତ କରିଥିଲେ ମଧ ଏହି ପ୍ରକଳ୍ପ ବିସ୍ଥାପିତ ହୋଇଥିବା ହଜାର ହଜାର ସ୍ଥାନୀୟ ବାସିନ୍ଦାଙ୍କୁ ଚିରକାଳ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି । ପ୍ରାୟ ଚାରି ଦଶନ୍ଧିର ଏ ଦୁର୍ଦ୍ଦଶା ଆଜି ବି ଆମକୁ ମର୍ମାହତ କରୁଛି ।

ରେଙ୍ଗାଳି ଯୋଜନାରେ ୧୯୭୩ ମସିହାରେ ଅନୁଗୋଳ ଜିଲ୍ଲାର ପାଲଲହଡା, ତାଳଚେର ଏବଂ ଦେବଗଡ଼ ଜିଲ୍ଲାର ମୋଟ ୨୬୩ ଗୋଟି ଗ୍ରାମ ଜଳମଗ୍ନ ହେବା ସହ ପ୍ରାୟ ୧୩ ହଜାର କୁଟୁମ୍ବ ବାସହରା ହୋଇଥିଲେ । ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ଅଭାବରୁ ଅନେକଙ୍କୁ ହନ୍ତସନ୍ତ ହେବାକୁ ପଡିଥିଲା । କୌଣସି ସ୍ୱଷ୍ଟ ବିସ୍ଥାପନ ନୀତି ନ ଥାଇ କିମ୍ବା କୌଣସି ଗ୍ରାମସଭା, ପଲ୍ଲୀସଭା ଅବା ଜନଶୁଣାଣି କରା ନ ଯାଇ ସ୍ଥାନୀୟ ବାସିନ୍ଦାଙ୍କୁ ବିସ୍ଥାପନ ପାଇଁ ବାଧ କରାଗଲା । ଏ ଭିତରେ ବ୍ରାହ୍ମଣୀରେ ଅନେକ ପାଣି ବହିଗଲାଣି । ନ୍ୟାୟ ପାଇଁ ଅନେକ ଗଣଧାରଣା, ଅନଶନ, ପ୍ରତିବାଦ ଓ ବିକ୍ଷୋଭ ମଧ ହୋଇଗଲାଣି । ତଥାପି ବିସ୍ଥାପିତଙ୍କ ଅବସ୍ଥାରେ କିଛି ପରିବର୍ତ୍ତନ ଆସିନାହିଁ ।

ବିସ୍ଥାପିତଙ୍କ ହକ୍ ପାଇଁ ଗଡ଼ଜାତ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଏକଦା ଆନ୍ଦୋଳନର ଡାକରା ଦେଇଥିଲେ । ତାଙ୍କ ଅବର୍ତ୍ତମାନରେ ଅନୁରୂପ ବଳିଷ୍ଠ ନେତୃତ୍ୱର ଅଭାବରୁ କ୍ଷତିଗ୍ରସ୍ତଙ୍କୁ ଆଉ ନ୍ୟାୟ ମିଳିଲା ନାହିଁ, ଯାହା ଦୁଃଖର ବିଷୟ । ଗରିବ, ଖଟିଖିଆ, ଚାଷୀ, ପଛୁଆ ବର୍ଗ, ତଥା ଦଳିତ ଓ ଆଦିବାସୀ ଜନସାଧାରଣ ବର୍ଗର ପ୍ରାୟ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ବିସ୍ଥାପିତ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପାଇଁ ସମ୍ବଳ ନ ଥିବାରୁ ଆଜି ନିଜକୁ ଉପେକ୍ଷିତ ଓ ଅପମାନିତ ମଣୁଛନ୍ତି । ଏପରିକି ଗଡ଼ଜାତ ଅଞ୍ଚଳ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ଏହା ଚରମ ପ୍ରତିଫଳନ ବୋଲି ମଧ ବିଚାରୁଛନ୍ତି । ପାଲଲହଡ଼ା ରେଙ୍ଗାଳି ବିସ୍ଥାପିତ କ୍ଷତିଗ୍ରସ୍ତ ପ୍ରଜା ସଙ୍ଘର ବାସଚ୍ୟୁତ ଜନସାଧାରଣଙ୍କ ଦୁରବସ୍ଥା ଆଜି ସୀମା ଟପିବାକୁ ବସିଲାଣି । ସଂଘର ସଭ୍ୟମାନେ ୭ ଦଫା ଦାବି ନେଇ ରେଙ୍ଗାଳି ଜଳଭଣ୍ଡାର ସଂଲଗ୍ନ ପାଲଲହଡା ଦ୍ୱିତୀୟ ଚିଲିକାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏବେ ଜଳ ସତ୍ୟାଗ୍ରହ କରୁଛନ୍ତି । ଆବଶ୍ୟକ ପଡ଼ିଲେ ଉକ୍ତ ଜଳଭଣ୍ଡାରରେ ସେମାନେ ଜଳସମାଧି ନେବେ ବୋଲି ଚେତାବନୀ ଦେଇଛନ୍ତି । ତେଣୁ ବିସ୍ଥାପିତମାନଙ୍କ ସମସ୍ତ ଦାବିକୁ ସମ୍ମାନ ଜଣାଇ ଏଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ଆନ୍ତରିକତା ଦେଖାଇବା ସହ ସମୟୋଚିତ ପଦକ୍ଷେପ ଗ୍ରହଣପୂର୍ବକ ବିସ୍ଥାପିତଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ତତ୍ପରତା ପ୍ରକାଶ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ଉଲ୍ଲେଖନୀୟ ଯେ, ବିସ୍ଥାପିତଙ୍କ ୭ ଦଫା ଗୁଡିକ ହେଲା ଉଚ୍ଚକ୍ଷମତା ସମ୍ପୂର୍ଣ୍ଣ କମିଟିର ସୁପାରିଶ କ୍ରମେ ଏକର ପ୍ରତି ୫୦ ହଜାର ଅନୁକମ୍ପା ମୂଳକ ବର୍ଦ୍ଧିତ କ୍ଷତିପୂରଣ ଟଙ୍କା ତୁରନ୍ତ ପ୍ରଦାନ କରିବା । ସ୍ଥାୟୀ ପଟ୍ଟା ପ୍ରଦାନ, ଖଣି ଖାଦାନ ଅଂଚଳରେ ବିସ୍ଥାପିତ ପରିବାରର ଜଣେ ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି, ସମସ୍ତ ବିସ୍ଥାପିତଙ୍କୁ ଗରିବ ଶ୍ରେଣୀ ଭୂକ୍ତ କରାଯାଇ ସେମାନଙ୍କୁ ରାସନ କାର୍ଡ ଏବଂ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରାଯିବା, ରେଙ୍ଗାଳି ପାୱାର ହାଉସର ଉତ୍ପାଦିତ ବିଦ୍ୟୁତରୁ ସମସ୍ତ ବିସ୍ଥାପିତଙ୍କୁ ଆଜୀବନ ମାଗଣା ବିଦ୍ୟୁତ ଲାଇନ ଯୋଗାଇବା ସହ ଚକଧର ସମାକୋଇ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି ରହିଛି । ଏହାବ୍ୟତିତ ବିସ୍ଥାପିତ ହିନ୍ଦୁ ଦେବାଦେବୀ ଓ ସେବକ ପୂଜାରୀଙ୍କ ଚିହ୍ନଟ ପଞ୍ଜିକରଣ, ମନ୍ଦିରର ପୁନରୁଦ୍ଧାର, ଉନ୍ନତି କରଣ ପାଇଁ ସେମାନେ ଦାବି ରଖିଛନ୍ତି ।

# ଟିଟିଲାଗଡ଼ରେ ଏସ୍‌ସି, ଏସ୍‌ଟି, ବୁଦ୍ଧିଷ୍ଟ ଏଲ୍‌ଆଇସି କଲ୍ୟାଣ କର୍ମଚାରୀ ସଂଗଠନର ଡ଼ିଭିଜନାଲ କନ୍‌ଫରେନ୍ସ ଅନୁଷ୍ଠିତ

ବଲାଙ୍ଗୀର, ୧୧/୧୨ (ନି.ପ୍ର): ଚଳିତ ବର୍ଷ ପ୍ରଥମ ଥର ପାଇଁ ଏସ୍‌ସି, ଏସ୍‌ଟି, ବୁଦ୍ଧିଷ୍ଟ ଏଲ୍‌ଆଇସି କଲ୍ୟାଣ କର୍ମଚାରୀ ସଂଗଠନର ଡ଼ିଭିଜନାଲ କନ୍‌ଫରେନ୍ସ ସ୍ଥାନୀୟ ଅଭିମନ୍ୟୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଏଲ୍‌ଆଇସିର ସର୍ବଭାରତୀୟ ସଭାପତି ଆନନ୍ଦ ପ୍ରକାଶ ଟପୋ, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ସମ୍ପାଦକ ଏସ୍‌ଜେ ମହେଶ ପ୍ରସାଦ (ପ୍ରଚାର ପ୍ରସାର), ସର୍ବ ଭାରତୀୟ ସମ୍ପାଦକ ସି. ସିଦ୍ଧାର୍ଥନ, ପ୍ରାନ୍ତୀୟ ସମ୍ପାଦକ ମନୋଜ କୁମାର, ଟିଟିଲାଗଡ଼ ଆୟୋଜକ କମିଟିର ସଂପାଦକ ସୁମନ ସୌରଭ ପରିଛା, ଆୟୋଜକ କମିଟିର ସଭାପତି ମହେଶ ପାଣ୍ଡେ ମଂଚାସୀନ ଥିଲେ । ଏହି କନ୍‌ଫରେନ୍ସରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଡିଭିଜନାଲ ସ୍ତରୀୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବରେ ଆରପି ଓରାମ, ଉପ ସଭାପତି ଭାବରେ ମକର୍ଧନୀ ମାଝି, ସାଧାରଣ ସମ୍ପାଦକ ବାବୁଲାଲ ବାରିକ, ସମ୍ପାଦକ ଏଡ଼ମିନ୍ ସୁମନ ସୌରଭ ପରିଛା, ସାଂଗଠାନିକ ସମ୍ପାଦକ ଡିଏଲ ଦୋରା, ପ୍ରଚାର ପ୍ରସାର ସମ୍ପାଦକ ଅଭିଷେକ ସାହା, ସହ ସମ୍ପାଦକ ଅଭିଷେକ ସାହା, ବିପିନ ବାରିକ, ଭୀଷ୍ମ ଦେବ କାଲୋ, ପ୍ରୀୟାଙ୍କି ମଲ୍ଲିକ, ରିନା ପାତ୍ର, କୋଷାଧ୍ୟକ୍ଷ ଦିଲେଶ୍ୱର କେରକେଟା, ଆଡିଟର ଇନ୍ଦ୍ରଜିତ ନେଟିଙ୍କୁ ଚୟନ କରା ଯାଇଛି । ଏହି ଅବସରରେ ଏସ୍‌ସି, ଏସ୍‌ଟି ଉନ୍ନୟନ ମୂଳକ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବା ସହ ଆଗକୁ କ'ଣ କ'ଣ କରାଯିବ ସେ ନେଇ ବିଚାର ବିମର୍ଶ କରିବା ସହ ଭାବର ଆଦାନ ପ୍ରଦାନ କରଯାଇଥିଲା ।

# ୫୬ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍ଘାଟିତ

ବଲାଙ୍ଗୀର, ୧୧/୧୨ (ନି.ପ୍ର): ସ୍ଥାନୀୟ ସଦାଇପାଲି ପଲ୍ଲିଶ୍ରୀ ଷ୍ଟଡିୟମଠାରେ ଆଜି ୫୬ତମ ସର୍ବଭାରତୀୟ ଇଂଜିନିୟରସ୍ କପ୍ ଓ ନର୍ସିଂ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଂଟ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଖେଳ ସାଇଟ୍ ସଦାଇପାଲି ଓ ରକ୍ ଡାଇମଣ୍ଡ ବାଲାଘାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଦାଇପାଲି ସାଇଟ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । ଖେଳଟି ଚିତାକର୍ଷକ ହୋଇ ହଜାର ହଜାର ଦର୍ଶକଙ୍କୁ ଆନନ୍ଦ ଆଣି ଦେଇଥିଲା । ଖେଳ ପଡିଆକୁ ସୁସଜ୍ଜିତ କରି ଦର୍ଶକଙ୍କ ପାଇଁ ଆକର୍ଷଣୀୟ କରାଯାଇଛି । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ରାଣା ରାମଜୀ ଯୁବକ ସଂଘର କାର୍ଯ୍ୟକର୍ତ୍ତାମାନଙ୍କୁ ସେମାନେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ ଫୁଟବଲ ପ୍ରତିଯୋଗିତା କରି ଜିଲ୍ଲା ଗୌରବ ବଢାଉଛନ୍ତି ବୋଲି ପ୍ରଶଂସା କରିଥିଲେ । ସୂଚନା କ୍ରମେ ଜିଲ୍ଲାସ୍ତରରେ ଏହି ଟୁର୍ଣ୍ଣାମେଣ୍ଟଟି ୧୯୬୭ ମସିହାରୁ ଆରମ୍ଭ ହୋଇଥିଲା । ୧୯୭୮ ମସିହାରୁ ରାଜ୍ୟ ତଥା ୧୯୮୭ ମସିହାରୁ ସର୍ବଭାରତୀୟ ସ୍ତରରେ ରାମଜୀ ଯୁବକ ସଂଘ ଦ୍ୱାରା ଟୁର୍ଣ୍ଣାମେଂଟଟି ହୋଇଆସୁଛି । ଆସନ୍ତାକାଲି ଭାଇଜାକ ସିଟି ଫୁଟବଲ କ୍ଲବ ବିଶାଖାପାଟନମ୍ ସହ ସମ୍ବଲପୁର ଏଫ୍‌ସି ସହିତ ଖେଳ ହେବ ବୋଲି ଟୁର୍ଣ୍ଣାମେଂଟ କମିଟୀର ଆବାହକ ଡ. ନାରାୟଣ ପ୍ରସାଦ ମିଶ୍ର ଜଣାଇଛନ୍ତି । ଟୁର୍ଣ୍ଣାମେଂଟର ସୁପରିଚାଳନା ପାଇଁ ଲୋକନାଥ ସିଂହ, ଇଂ.ସନ୍ତୋଷ କୁମାର ବହ୍ମା, ଆଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ସୁନୀଲ ଚନ୍ଦ୍ର ବିଶ୍ୱାଳ, ନିଶାରକାନ୍ତ ନାଗ, ଅଶୋକ ପଧାନ ଆଦି ସହଯୋଗ କରୁଛନ୍ତି । ଖେଳ ସୁରେଶ ଦାସ, ସୁବ୍ରତ ପୁରୋହିତ, ଦେବାଶିଶ ବାଗ ଓ ସୁଧାଂଶୁ ସେଠ ରେଫରୀ ଭାବରେ ଖେଳ ପରିଚାଳନା କରିଥିଲେ । ସୁନୀଲ ଚନ୍ଦ୍ର ବିଶ୍ୱାଳ ମ୍ୟାଚ୍ କମିଶନରର ଦାୟୀତ୍ୱ ବହନ କରିଥିଲେ ।

# ଆସନ୍ତା ବର୍ଷ ରାଜ୍ୟରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ହେବ ମିଷ୍ଟର ଓ ମିସ ଇଣ୍ଡିଆ ପ୍ରତିଯୋଗିତା

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ପରିବର୍ତ୍ତନ ଓ ସ୍ୱାଭିମାନ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଏବଂ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାଭିମାନ ସଂଗଠନର ମୁଖ୍ୟ ସ୍ମୃତି ମହାପାତ୍ର ପରିବର୍ତ୍ତନର ପ୍ରତିଷ୍ଠାତା ଅମିତ ତିୱାରି, ସ୍ୱେତା ତିୱାରି ଏବଂ ଟିମ ଗ୍ରୁପର ସିଏମଡି ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ କି ରାଜ୍ୟରେ ୬୦ ରୁ ୭୦ ଲକ୍ଷ ଦିବ୍ୟାଙ୍ଗ ରହିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ ରହିଛନ୍ତି । ସେମାନଙ୍କର ସମ୍ମାନର ସହ ବଂଚିବାର ଇଚ୍ଛା ରହିଛି । ସେଥିପାଇଁ ଦିବ୍ୟାଙ୍ଗମାନଙ୍କ ପ୍ରତିଭା ଅନ୍ୱେଷଣ ପାଇଁ ଆସନ୍ତା ବର୍ଷ ଜାନୁଆରୀ ଓ ଫେବୃଆରୀ ମାସରେ ମିଷ୍ଟର ଓ ମିସ୍ ଇଣ୍ଡିଆ ଓଡ଼ିଶାରେ କରାଯିବ ବୋଲି ଘୋଷଣା କରିଥିଲେ । ପୂର୍ବରୁ ଗୁଜୁରାଟ ଓ ଝାଡ଼ଖଣ୍ଡରେ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ମିଷ୍ଟର ଓ ମିସ୍ ଇଣ୍ଡିଆ ସଫଳତାର ସହ ସରିଯାଇଛି । ଓଡ଼ିଶାରେ ଭିନ୍ନକ୍ଷମ ମାନେ କିଭଳି ଭାଗନେଇ ପାରିବେ ସେ ସମ୍ପର୍କରେ ଅତିଥିମାନେ ସୂଚନା ପ୍ରଦାନ କରିଥିଲେ । ଭାଗନେବାକୁ ଥିବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନେ ମିଷ୍ଟର ମିସ ଇଣ୍ଡିଆ କାର୍ଯ୍ୟକ୍ରମରେ ଆତ୍ମ ବିଶ୍ୱାସ ସହ ର୍‌ୟାମ୍ପ ସୋରେ ଭାଗନେବା, ପାରମ୍ପରିକ ନିୟମକୁ ଚ୍ୟାଲେଞ୍ଜ କରିବା ଏବଂ କୌଣସି ସୀମାକୁ ଜାଣିନଥିବା ଏକ ଶୈଳୀକୁ ପ୍ରକାଶ କରିବା ବର୍ତ୍ତମାନ କେବଳ ସ୍ୱପ୍ନ ନୁହେଁ ଏହା ବାସ୍ତବରେ ପରିଣତ ହେବାକୁ ଯାଉଛି ବୋଲି ସେମାନେ ପ୍ରକାଶ କରିଥିଲେ । ଦିବ୍ୟାଙ୍ଗ ପ୍ରତିଭା ମାନଙ୍କୁ ନେଇ ଓଡ଼ିଶାରେ ହେବାକୁ ଥିବା ସାର୍ଥକ ଦ୍ୱାରା ମିଷ୍ଟର ଓ ମିସ୍ ଇଣ୍ଡିଆ ରାଜ୍ୟସ୍ତରରୁ ନେଇ ଜାତୀୟ ସ୍ତରରେ ପରିଚୟ ପ୍ରଦାନ କରିବା ଏକ ପ୍ରୟାସ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଏକ ଲୋଗୋ ବା ପୋଷ୍ଟର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଶେଷରେ ସାର୍ଥକ ଦ୍ୱିବେଦୀ, କିରଣ ବେହେରା, ନମିତା ସାହୁ, ରୁଦ୍ର ନାରାୟଣ ପ୍ରମୁଖଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସସସ୍ତ କାର୍ଯ୍ୟକ୍ରମକୁ ସନ୍ତୋଷ ପ୍ରଧାନ ପରିଚାଳନା କରିଥିଲେ ।

# ଏ.ଆଇ.ଟିୟୁ.ସିର ପରିବର୍ଦ୍ଧିତ ଜିଲ୍ଲା କମିଟି ବୈଠକ

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା ବିକାଶ ସାମୁକ୍ଷ୍ୟ କାର୍ଯ୍ୟାଳୟରେ ଏ.ଆଇ.ଟିୟୁ.ସିର ପରିବର୍ଦ୍ଧିତ ଜିଲ୍ଲା କମିଟି ବୈଠକ ସାଥୀ ବାବାଜୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏ.ଆଇ.ଟିୟୁ.ସି ର ନେତା ସାଥୀ ଅରୁଣ ରାଉତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ପରେ ବିବରଣୀ ଉପସ୍ଥାପନା ହୋଇଥିଲା । ପରେ ସିପିଆଇର ଜିଲ୍ଲା ସଂପାଦକ ବରିଷ୍ଠ ଆଇନଜୀବି ରମଣୀ ରଞ୍ଜନ ରାଉତ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ର ଅସଂଗଠିତ ଶ୍ରମିକମାନଙ୍କ ଉପରେ ଅନ୍ୟାୟ ଭାବେ ଯେଉଁସବୁ କାର୍ଯ୍ୟକ୍ରମ ଗ୍ରହଣ କରି ଶ୍ରମ ଆଇନକୁ ବାତିଲ କରି ୪ଟି କୋର୍ଟ କରିବା, ଦର ଦାମ୍ ଉପରେ ନିୟନ୍ତ୍ରଣ ନକରିବା, ଆଶା, ପାଚିକା, ଅଙ୍ଗନୱାଡି କର୍ମୀକୁ ସରକାରୀ ଚାକିରୀର ମାନ୍ୟତା ବନ୍ଦ କରିବା ଉପରେ ଆଲୋଚନା କରି ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଠାରେ ବିଶାଳ ସମାବେଶ ପାଇଁ ଡାକରା ଦେଇଥିଲେ । ଏଥିରେ କେନ୍ଦ୍ରାପଡା ଜିଲ୍ଲାରୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆସନ୍ନ ଦେଇଥିଲେ । ଆୟୋଜିତ ଏହି ସଭାରେ ସାଥୀ ବିକାଶ ଚନ୍ଦ୍ର ବେହୁରା, ଭଜହରି ପ୍ରଧାନ, ଅକ୍ଷୟ ମଳିକ, ସରସ୍ୱତୀ ସ୍ୱାଇଁ, ହେମଲତା ସାହୁ, ନନ୍ଦିନୀ ସ୍ୱାଇଁ, ଜୟନ୍ତୀ ପରିଡା, ସୁଲୋଚନା ନନ୍ଦି, ଆରତୀ ବେହେରା, କାଂଚନବାଳା ସାହୁ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୧୬ ତାରିଖ ଭୁବନେଶ୍ୱର ଠାରେ ହେଉଥିବା ସମାବେଶରେ ଯୋଗ ଦେବାପାଇଁ ନିଷ୍ପତି ନେଇଥିଲେ ।

# ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁ ପ୍ରକାର ସହଯୋଗ ଦିଆଯିବ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ପ୍ରଧାନ ବନ ସଂରକ୍ଷକ(ବନ୍ୟ ପ୍ରାଣୀ ) ତଥା ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍ ଙ୍କ ତରଫରୁ ଲୋକସେବା ଭବନରେଆହୁତ ଏହି ବୈଠକରେ ପ୍ରଥମେ ଗତ ୨୦୨୨ ନଭେମ୍ବର ମାସରେ ହୋଇଥିବା ବୈଠକର ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ଏବଂ ୨୦୨୨-୨୩ ବର୍ଷରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ବିଶଦ୍ ସୂଚନା ଦିଆଯାଇଥିଲା । ଚଳିତ ବର୍ଷ ୨୦୨୩ ମାର୍ଚ୍ଚ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଗହୀରମଥା ଉପକୂଳରେ ଅଣ୍ଡା ଦେବା ପାଇଁ ୫.୧୨ ଲକ୍ଷରୁ ଅଧିକ କଇଁଛ ଏବଂ ଫେବୃଆରୀ ୨୩ରୁ ମାର୍ଚ୍ଚ ୨ ତାରିଖ ମଧ୍ୟରେ ଋଷିକୁଲ୍ୟାଠାରେ ପ୍ରାୟ ୬.୩୭ ଲକ୍ଷ କଇଁଛ ଏହିପରି ଉଭୟ ଗହୀରମଥା ଓ ଋଷିକୂଲ୍ୟାରେ ପ୍ରାୟ ୧୧ ଲକ୍ଷ ୪୯ହଜାର ଅଲିଭ୍ ରିଡଲେ କଇଁଛଙ୍କର ସମୂହ ଅଣ୍ଡାଦାନ ହୋଇଥିଲା । ଗଣ ଅଣ୍ଡାଦାନ ପରେ ଅଣ୍ଡାର ସୁରକ୍ଷା ପାଇଁ ଆବଶ୍ୟକ ସ୍ଥଳେ ଘେରି କରାଯାଇ ବରାବର କଡା ନଜର ରଖାଯାଇଥିଲା । ୨୦୨୩ ନଭେମ୍ବର ପହିଲାରୁ ଅଲିଭ୍ ରିଡଲେ କଇଁଛର ସୁରକ୍ଷା ଓ ସଂରକ୍ଷଣ ପାଇଁ ଋତୁଭିତ୍ତିକ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛି ।ଗତ ବର୍ଷ ପରି ଚଳିତ ବର୍ଷ ମଧ ୬୬ଟି ପାଟ୍ରୋଲିଂ କ୍ୟାମ୍ପ (୬୧ଟି ଅନ୍ ସୋର୍ ଓ ୫ଟି ଅଫ୍ ସୋର୍ ) ଭିଏଚ୍‌ଏଫ୍, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସୁବିଧା ସହିତ କାର୍ଯ୍ୟ କରିବ ।ବନ ବିଭାଗ, ଭାରତୀୟ ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ ଏବଂ ମେରାଇନ୍ ପୁଲିସର ସହଯୋଗରେ ମିଳିତଭାବେ ସମୁଦ୍ରରେ ପାଟ୍ରୋଲିଂ କରାଯିବ ।ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମ୍ପୃକ୍ତ ଉପକୂଳ ବନ ବିଭାଗ ଡିଭିଜନକୁ ପାଣ୍ଠି ଆବଂଟନ କରାଯାଇଛି ।୧୦ ନଭେମ୍ବର ୨୦୨୩ରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଗୋଷ୍ଠୀ ସଂଗଠନଗୁଡିକ ସହ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ।କ୍ଷେତ୍ର କର୍ମକର୍ତ୍ତାମାନଙ୍କୁ ଏସଂପର୍କିତ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି ।ଗତ ଋତୁରେ ୪୪ଟି ଟ୍ରଲର,୩ ଟି ଗିଲ ନେଟର, ୯ ଟି ଯାନ୍ତ୍ରିକ ଡଙ୍ଗା ଜବତ କରାଯିବା ସହ ୩୮୪ ଜଣଙ୍କୁ ଗିରଫ କରାଯାଇଥିଲା ।ଜବତ ମାଛଧରା ଜାହାଜଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜନଗର ହେନ୍ତାଳ ବନ ଜଙ୍ଗଲ ଡିଭିଜନର ବରୁଣେଇ, ଗୁପ୍ତି, ସାସନପେଟା ଓ କୃଷ୍ଣପ୍ରିୟାପୁରରେ ବର୍ଥିଂ ସ୍ଥାନ ଖୋଲାଯାଇଥିଲା ।

ରାଜନଗର ବନ୍ୟପ୍ରାଣୀ, ଭଦ୍ରକ ବନ୍ୟପ୍ରାଣୀ ଓ ବ୍ରହ୍ମପୁର (ଟି) ଡିଭିଜନରେ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ହାଇସ୍ପିଡ ବୋଟ୍ ମୁତୟନ କରାଯାଇଛି ।ବାବୁବାଲି, ଅଗରନାସୀ, ନୂଆ ଦେବୀ ନାସି ଦ୍ୱୀପ, ପୁରୁଣାବନ୍ଧ ଇତ୍ୟାଦି ସମୁଦ୍ର ଯାତାୟାତ ପାଟ୍ରୋଲିଂର ଘାଟି ହେବ ।ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳ ଓ ଏସପିମାନେ ସଂପୃକ୍ତ ଡିଏଫ୍‌ଓମାନଙ୍କୁ ପୂର୍ବ ବର୍ଷ ଭଳି ଆବଶ୍ୟକ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମିଳିତ ସମୁଦ୍ର ପାଟ୍ରୋଲିଂ ଏବଂ ଆଲୋକ ନିୟନ୍ତ୍ରଣ ଆୟୋଜନ ପାଇଁ ସମସ୍ତ ଉପକୂଳ ଡିଏଫ୍‌ଓମାନଙ୍କ ଦ୍ୱାରା ପ୍ରତିରକ୍ଷା ଗବେଷଣା କେନ୍ଦ୍ର କର୍ତ୍ତୃପକ୍ଷ, ଉପକୂଳରେ ଥିବା ବିଭିନ୍ନ ଅନୁଷ୍ଠାନ, ମତ୍ସ୍ୟ ବିଭାଗ ଅଧିକାରୀ, ବନ୍ଦର କର୍ତ୍ତୃପକ୍ଷ, ତଟରକ୍ଷୀ ବାହିନୀ ଏବଂ ଉପକୂଳ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷଙ୍କ ସହିତ ନିୟମିତ ଭାବରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ।ଗଣ ଅଣ୍ଡାଦାନ ସମୟରେ ମିଜାଇଲ ପରୀକ୍ଷା ଯେପରି ବନ୍ଦ ରହେ, ସେଥିପ୍ରତି ନିଶ୍ଚିତ ଦୃଷ୍ଟି ଦେବାକୁ ପ୍ରତିରକ୍ଷା ଗବେଷଣା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି ।ପ୍ରତିବର୍ଷ ନଭେମ୍ବର ପହିଲାରୁ ମେ' ୩୧ ତାରିଖ (ଉଭୟ ଦିନ) ପର୍ଯ୍ୟନ୍ତ ଓଡ଼ିଶା ଉପକୂଳର ଧାମରା, ଦେବୀ ଓ ଋଷିକୂଲ୍ୟା ନଦୀ ମୁହାଣ ନିକଟବର୍ତ୍ତୀ ଅଂଚଳରେ ୨୦ କିଲୋମିଟର ମଧ୍ୟରେ ମୋଟରଚାଳିତ ଜାହାଜ, ଟ୍ରଲର ଏବଂ ଯାନ୍ତ୍ରିକ ମାଛଧରା କୌଶଳ ଦ୍ୱାରା ମାଛ ଧରିବା ନିଷେଧ କରିବାକୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ଏକକାଳୀନ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଗହୀରମଥା ଅଭୟାରଣ୍ୟ କ୍ଷେତ୍ରରେ ଏହି କଟକଣା ବର୍ଷସାରା ଜାରି ରହିଛି । ଏ ସଂପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ଡିଏଫ୍‌ଓମାନେ ନିୟମିତ ଭାବେ ସଚେତନତା ବୈଠକ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ସୁରୁଖୁରୁରେ ସରିଲା ବିବାଦୀୟ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା

କୋରେଇ, ୧୧/୧୨ (ନି.ପ୍ର): ଚଳିତ ମାସ ୩ ତାରିଖ ଦିନ ଯାଜପୁର ଜିଲ୍ଲା କୋରାଇ ଶିକ୍ଷା ମଣ୍ଡଳାଧିଶ ଅଧିନସ୍ଥ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ମ ଶ୍ରେଣୀ ପିଲାମାନଙ୍କ ନିମନ୍ତେ ହେଉଥିବା ଏନ୍‌ଏମ୍‌ଏମ୍‌ଏସ୍ (ନେସନାଲ ମିନ୍ସ କମ୍ ମେରିଟ) ପରୀକ୍ଷାରେ ପ୍ରଶ୍ନପତ୍ର ବିଭାଟକୁ ନେଇ ତୁମୁଳକାଣ୍ଡ ଉପୁଜି ଥିବାବେଳେ ଆଜି ଉକ୍ତ ପରୀକ୍ଷା ସୁରୁଖୁରୁରେ ସମାପନ ହୋଇଛି । ଉକ୍ତ ପରୀକ୍ଷାରେ ଜିଲ୍ଲାର ୨୯୭ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ସେଦିନ ୨୮୩ ଜଣ ପରୀକ୍ଷା ଦେଇଥିଲେ ଓ ବାକି ୧୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ତେବେ ଆଜି ପୁଣି ଦୁଇ ଜଣ ଅନୁପସ୍ଥିତ ଥିବାବେଳେ ୨୮୧ ଜଣ ପରୀକ୍ଷାର୍ଥୀ ବାକି ଥିବା ଦ୍ୱିତୀୟ ସିଟିଙ୍ଗର ପରୀକ୍ଷା ଦେଇଛନ୍ତି । ଉକ୍ତ ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବେ ଜ୍ୟୋତିର୍ମୟୀ ମିଶ୍ର ଯୋଗ ଦେଇଥିବାବେଳେ ସୁପର ଅବଜର୍ଭର ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷା ନିବେଦିତା ଗୁରୁ, ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଅତିରିକ୍ତ ନିର୍ଦ୍ଦେଶକ ଏସ୍‌ଇଆର୍‌ଟିର ମନୋରଂଜନ ମହାପାତ୍ର, ଜିଲ୍ଲା ବିଜ୍ଞାନ ସୁପରଭାଇଜର ବିଷ୍ଣୁଚରଣ ପଣ୍ଡା, କୋରାଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


## ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

***ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।***



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିଙ୍କୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।

**ବାର୍ଦ୍ଧକ୍ୟ ଅବସ୍ଥାର କାରଣ:** ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା:୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩-ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରି ରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।



**ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା:** ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ପେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଶଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ପେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ପେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

**ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:**

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

**ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା:** ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲ୍ଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ ସିଷ୍ଟମ ଓ ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା-ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।



**ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:**

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଟପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ବେହା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

## ପବନ ମୁକ୍ତାସନ



ଶବାସନରେ ଶୋଇ ଗୋଡ଼ ହାତ ଲମ୍ୱାଇ ରଖ। ପ୍ରଥମେ ଡାହାଣ ପାଦ ଆଣ୍ଠୁ ଠାରୁ ବଙ୍କାଇ ଆଣି ଏପଟ ଓ ଛାତି ଉପରେ ଦୁଇ ହାତରେ ଚାପି ରଖନ୍ତୁ। କିଛି ସମୟ ଏପରି ଅବସ୍ଥାରେ ରହି ଡାହାଣ ପାଦକୁ ବିଶ୍ରାମ ଦେଇ ଅନୁରୂପ ଭାବେ ବାମ ପାଦକୁ ଆଣ୍ଠୁ ଠାରୁ ମୋଡ଼ି ଆଣି ପେଟ ଓ ଛାତିରେ ଚାପି ରଖନ୍ତୁ। କିଛି ସମୟ ରହି ବିଶ୍ରାମ କରନ୍ତୁ। ତା'ପରେ ଏକତ୍ର ଦୁଇ ଗୋଡ଼କୁ ଆଣ୍ଠୁ ଠାରୁ ବଙ୍କାଇ ଆଣି ପେଟ ଓ ଛାତି ଉପରେ ଜାକି ରଖନ୍ତୁ। ଯେପରି ଚିବୁକ ଆଣ୍ଠୁକୁ ଛୁଇଁବା ଛିଡ଼ା ହୋଇଥିବା ଅବସ୍ଥାରେ ମଧ୍ୟ ଏ ଆସନ କରାଯାଇପାରିବ। ଗୋଟିଏ ପାଦରେ ଛିଡ଼ା ହୋଇ ଅନ୍ୟଟିକୁ ଉଠାଇ ଜାକି ଧରାଯିବ। ପ୍ରଥମେ ଦୁଇଗ୍ଲାସ ପାଣି ପିଇ ଏହି ଆସନ କରନ୍ତୁ। ପ୍ରତ୍ୟେହ ୩/୪ଥର କରନ୍ତୁ। ଏହି ଆସନ କଲେ ପ୍ରସବ ପରେ ପେଟ ବଢ଼ିବାକୁ ଦିଏନାହିଁ, ଗର୍ଭାଶହ ବିକଅତି ଦୂରହୁଏ, ଚର୍ବି ହ୍ରାସ କରେ, ଅଜୀର୍ଣ୍ଣ, ଅମ୍ଳ ଆରୋଗ୍ୟ କରେ, ପେଟରେ ପେଶୀ ଶକ୍ତ କରେ ଓ ପେଟରେ ସମସ୍ତ ବାୟୁ ଦୋଷ ଦୂରକରେ।

## ନିର୍ଜନ ଦ୍ୱୀପରେ ୪୦ବର୍ଷ



୪୦ବର୍ଷ ହେଲା ରହି ଆସୁଛନ୍ତି। ୨୬ ମାଇଲ ଲମ୍ବା ଏହି ଦ୍ୱୀପରେ ଜୋଙ୍କ ବ୍ୟତୀତ ୪୦୦ ରୁ ଉର୍ଦ୍ଧ୍ୱ ବଣୁଆ ଘୋଡ଼ା, ୩୩ଲକ୍ଷ ସିଲ୍ ଓ ୩୫୦ ପ୍ରଜାତିର ଚଢ଼େଇଛି ଦେଖିବାକୁ ମିଳନ୍ତି। ଅଠାଦଶ ଶତାବ୍ଦୀରେ ଏଠାରେ ବସତି ସ୍ଥାପନ ପାଇଁ ଚେଷ୍ଟା କରାଯାଇଥିଲା। ସେତେବେଳେ ଏହି ଘୋଡ଼ାଗୁଡ଼ିକୁ କୃଷି କାର୍ଯ୍ୟରେ ସାହାଯ୍ୟ କରିବାକୁ ଏଠାକୁ ଅଣାଯାଇଥିଲା। ବର୍ଷର ୧୨୫ ଦିନ ଏଠାରେ କୁହୁଡ଼ି ଆଚ୍ଛାଦିତ ହୋଇ ରହିଥାଏ। ଜୋ କହିଛନ୍ତି, ସେ ଦ୍ୱୀପରେ ରହିବାରେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ, କେବେବି ନିଜକୁ ନିସଙ୍ଗ ବୋଲି ମନେ କରନ୍ତିନି। ତାଙ୍କର ଅଧିକାଂଶ ସମୟ ବାଇନୋକୁଲାର ବନ୍ୟଜନ୍ତୁଙ୍କୁ ଦେଖିବାରେ କଟିଥାଏ। ହାଲିଫାକସର ବାସିନ୍ଦା ଜୋ ମାତ୍ର ୨୧ବର୍ଷ ସାବଲ ସମୟରେ ଜାହାଜଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତି, ତେଣୁ ଏହାକୁ ଆଟଲାଣ୍ଟିକର ମରଣଯନ୍ତା ବୋଲି କୁହାଯାଏ। ଏପର୍ଯ୍ୟନ୍ତ ପ୍ରାୟ ୩୦୦ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇସାରିଲେଣି। କିନ୍ତୁ ଏସବୁ ବିପଦ ସତ୍ତ୍ୱେ ଦ୍ୱୀପଟି ପ୍ରତି ଜୋଙ୍କର ପ୍ରେମ କମିନାହିଁ। ୨୦୧୩ରେ ସାବଲ ଦ୍ୱୀପକୁ ଜାତୀୟ ସଂରକ୍ଷିତ ଉଦ୍ୟାନ ଭାବେ ଘୋଷଣା କରାଯାଇଥିଲା। ସେବେଠାରୁ ଜାତୀୟ ଉଦ୍ୟାନର କର୍ମଚାରୀମାନେ ବର୍ଷ ସାରା ଅଦଳ ବଦଳ ହୋଇ ଦ୍ୱୀପରେ ରହିଥାନ୍ତି। ଯଦ୍ୱାରା ଜୋଙ୍କୁ କଥାବାର୍ତ୍ତା କରିବାକୁ କିଛି ଲୋକ ମିଳିଯାନ୍ତି। ଏଠାରେ ରହିବା ଭିତରେ ଜୋ ବଣୁଆ ଘୋଡ଼ାଙ୍କ ଅନେକ ଖପୁରୀର ସଂଗ୍ରହ କରିଛନ୍ତି। ଯଦ୍ୱାରାକି ବୈଜ୍ଞାନିକମାନେ ତା' ଉପରେ ଅଧକ ଅଧ୍ୟୟନ କରିପାରିବେ।



## ମନ୍ଦିର-ମସଜିଦ୍ ଏକାଠି

ସମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏକ ନିଆରା ଉଦାହରଣ ପାଲଟିଛି ପଶ୍ଚିମବଙ୍ଗର ଝରଗାମ। ଏଠାରେ ଜଣେ ବ୍ୟକ୍ତି ତାଙ୍କ ଘର ଭିତରେ ମନ୍ଦିର ସହିତ ମସଜିଦର ନିର୍ମାଣ କରିଛନ୍ତି। ପ୍ରତିଦିନ ଏଠାରେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ସହିତ କୋରାନ ବାଣୀ ବି ଶୁଣିପାରିବେ। ଲେକାମାନେ ବି ଗୋଟିଏ ସ୍ଥାନରେ ପୂଜା କରିବା ସହିତ ନମାଜ ପଢ଼ିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ଝାରଗାମର ୧୦ନମ୍ୱର ଧୋରାଧରା ଟାଉନସିପ ଅଂଚଳରେ ଏହି ଭାଇଚାରା ଭାବ ଦେଖିବାକୁ ମିଳିଛି। ଏଠାରେ ଗତ ୨୩ ବର୍ଷ ହେଲା ନାରାୟଣ ଚନ୍ଦ୍ର ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ତାଙ୍କ ସରକାରୀ ବାଭବନରେ ଉଭୟ ମନ୍ଦିର ଓ ମସଜିଦ ନିର୍ମାଣ କରିଛନ୍ତି। ୭୮ ବର୍ଷୀୟ ନାରାୟଣଚନ୍ଦ ୧୯୮୬ ମସିହାରେ ତାଙ୍କ ଘରେ ଶିବ ମନ୍ଦିର ନିର୍ମାଣ କରିଥିଲେ। ପରେ ସେ ଜଣେ ମୁସଲମାନ ପୀରଙ୍କ ପ୍ରଭାବରେ ଆସିଥିଲେ। ୧୯୯୪ରେ ସେହି ପୀରବାବାଙ୍କର ପରଲୋକ ଘଟିଥିଲା। ପୀରବାବାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ଆଚାର୍ଯ୍ୟ ଶିବଲିଙ୍ଗ ନିକଟରେ ତାଙ୍କର ମଜାର ନିର୍ମାଣ କରିଥିଲେ। ସେତେବେଳେ ଆଚାର୍ଯ୍ୟ ଇଲେକ୍ଟ୍ରିସିଟି ବିଭାଗରେ କାମ କରୁଥିଲେ।

ଏକ ସାକ୍ଷାତକାରରେ ଆଚାର୍ଯ୍ୟ କରିଛନ୍ତି, ଏଠାରେ କୌଣସି ପ୍ରକାରର ଧାର୍ମିକ ବିବାଦ ଦେଖାଯାଇ ନଥାଏ। ଏଠାକୁ ଉଭୟ ହିନ୍ଦୁ-ମୁସଲମାନ ଏକାଠି ଆସନ୍ତି। କୋରାନ ପଢ଼ନ୍ତି ଓ ଯଜ୍ଞ କରନ୍ତି। ଯେଉଁ ଲୋକମାନେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ସମ୍ମାନ ଜଣାନ୍ତି, ସେମାନେ ଏଠାକୁ ଆସିବା କଥା ଓ ଜାଣିବା କଥା ଯେ ବାସ୍ତବରେ ଏହାର ଅର୍ଥ କ'ଣ ହୋଇଥାଏ। ୧୯୭୨ ମସିହାରେ ଆଚାର୍ଯ୍ୟ ଫୁରଫରା ଶରିଫ ଯାଇଥିଲେ। ସେଠାରେ ତାଙ୍କର ଭୋଟ ପୀରବାବା ହଜରତ ସଇଦ ଗୁଲାମ ଚିସ୍ତିଙ୍କ ସହିତ ସାକ୍ଷାତ ହୋଇଥିଲା। ସେହି ପୀରବାବା ସଂସ୍କୃତରେ ଗୀତା, ବେଦ ଓ ଉପନିଷଦ ପଢୁଥିଲେ। ପୀରବାବା ହିଁ ଆଚାର୍ଯ୍ୟଙ୍କୁ କହିଥିଲେ ଯେ, ବେଦ ଓ କୋରାନ ସବୁ ଗୋଟିଏ ପ୍ରକାରର। ଏଥିରେ ପରସ୍ପର ପ୍ରତି ଭଲ ପାଇବା, ଶାନ୍ତି ଓ ସୌହାର୍ଦ୍ଦ୍ୟର କଥା କୁହାଯାଇଥାଏ। ପୀରବାବାଙ୍କ ସେହି କଥାରେ ଆଚାର୍ଯ୍ୟ ଖୁବ ପ୍ରଭାବିତ ହୋଇଥିଲେ।

ଉଲ୍ଲେଖନୀୟ ଯେ, ପୁରା ଝାରଗାମର ଏହା ଗୋଟିଏ ମାତ୍ର ମଜାର ଓ ଦରଘା। କିନ୍ତୁ ଏଠାକୁ କୌଣସି ମୁଖ୍ୟମନ୍ତ୍ରୀ କେବେବି ପରିଦର୍ଶନରେ ଆସିନାହାଁନ୍ତି। କିନ୍ତୁ ଏହା ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଝାରଗାମ ଷ୍ଟାଡ଼ିୟମକୁ ଅନେକ ଥର ମୁଖ୍ୟମନ୍ତ୍ରୀ ବୁଲି ଆସିଛନ୍ତି।

## କୋଲେଷ୍ଟେରଲରୁ ମୁକ୍ତି

**ଆବଶ୍ୟକତା ଠାରୁ କୋଲେଷ୍ଟେରଲ ଅଧିକ ହେଲେ ମଣିଷ ପାଇଁ ବିପଦ ପହଂଚିଥାଏ। ଶରରରେ ରକ୍ତ ଏବଂ କୋଷରେ ଥିବା ଏହା ଚର୍ବି ଜାତୀୟ ପଦାର୍ଥ। ତେବେ ଏହା କୌଣସି ଉଦ୍ଭିଦ ଜାତ ଦ୍ରବ୍ୟରୁ ମିଳେନି। ପ୍ରାଣୀଙ୍କ ଠାରେ ସ୍ନେହସାର ଭାବରେ ମିଳୁଥିବା ବେଳେ କୋଲେଷ୍ଟେରଲ ସ୍ନେହସାରଯୁକ୍ତ ଖାଦ୍ୟ ମାଧ୍ୟମରେ ରକ୍ତରେ ପ୍ରବେଶ କରିଥାଏ।**

କୋଲେଷ୍ଟେରଲ ପରିମାଣ ଶରୀର ପାଇଁ ଅଧିକ ହେଲେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ବିଶେଷକରି ଏହା ଶରୀରରେ ଜୀବକୋଷ ତିଆରି କରିବାରେ ବହୁଳ ଭାବେ ସାହାଯ୍ୟ କରେ ଏହାଛଡ଼ା ପୁରୁଷ ଏବଂ ସ୍ତ୍ରୀ ହରମୋନ ସମେତ ଭିଟାମିନ ତିଆରି କରିବାରେ ସହାୟତା କରିଥାଏ। ମଣିଷ ଶରୀରରେ



କୋଲେଷ୍ଟେରଲର ମାତ୍ରା ନିରୂପଣ ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିହୁଏ। ଜଣେ ସୁସ୍ଥ ଲୋକର କୋଲେଷ୍ଟେରଲ ମାତ୍ରା ୧୦୦ ମିଲିମିଟର ଥିବାବେଳେ ରକ୍ତରେ ୧୫୦ରୁ ୨୨୦ ମିଲିଗ୍ରାମ ରହିଥାଏ। ତେବେ ଶରୀରରେ କୋଲେଷ୍ଟେରଲର ମାତ୍ରା ଅଧିକ ହେଲେ ଏହା ଶରୀରରେ ଥିବା ରକ୍ତନଳୀ ଭିତରେ ଜମା ହୋଇ ରକ୍ତନଳୀର ଛିଦ୍ରକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ରକ୍ତ ଚଳପ୍ରଚଳ ହେବାରେ ବାଧା ଉପୁଜିଥାଏ। ଏହାର ପରିଣାମ ସ୍ୱରୂପ ମନୁଷ୍ୟକୁ ଉଚ୍ଚ ରକ୍ତଚାପ,ପାରାଲିସିସ, ହୃଦଘାତ ଓ ପିତ୍ତକୋଷରେ ପଥର ଆଦି ସୃଷ୍ଟି ହୋଇଥାଏ।

**ସତର୍କତା:** ତେବେ ମଣିଷ ଏହି କୋଲେଷ୍ଟେରଲ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ଖାଦ୍ୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଜରୁରୀ। ଏଥିପାଇଁ ନିୟମିତ ବ୍ୟବଧାନରେ ରକ୍ତ ପରୀକ୍ଷା କରିବା ଆବଶ୍ୟକ। ଶାରୀରିକ ସନ୍ତୁଳନ ରକ୍ଷା ପାଇଁ ନିୟମିତ ଯୋଗ, ବ୍ୟାୟାମ ଆଦି କରିବା ଦରକାର। ଏତଦବ୍ୟତୀତ ଚର୍ବିଯୁକ୍ତମାଂସ, ଅଣ୍ଡାର କେଶର, ଲହୁଣି, ଘିଅ, ରିଫାଇନ ତେଲ ଆଦିରେ ଯଥେଷ୍ଟ କୋଲେଷ୍ଟେରଲ ଥିବାରୁ ଏଥିରୁ ନିବୃତ ରହିପାରିଲେ ଜଣେ ସୁସ୍ଥ ରହିପାରିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସଂଶୋଧନ

ଦୀର୍ଘ ୧୨୫ ବର୍ଷର ପୁରୁଣା ଭାରତୀୟ ଡାକ ଆଇନ ବଦଳିବାକୁ ଯାଉଛି। ଏ ସଂକ୍ରାନ୍ତ ଏକ ବିଲ୍ ରାଜ୍ୟସଭାର ଅନୁମୋଦନ ଲାଭ କରିଛି। ବଡ଼ଲାଟ୍ ୱାରେନ୍ ହେଷ୍ଟିଂସ୍‌ଙ୍କ ଶାସନକାଳ (୧୭୭୩-୧୭୮୪)ରେ ୧୭୭୪ ମାର୍ଚ୍ଚରେ ଭାରତରେ ଡାକ ସେବା ବ୍ୟବସ୍ଥାକୁ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ କରାଯାଇଥିଲା। ତା'ପୂର୍ବରୁ ଏହା ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟାବସାୟିକ ଓ ବାଣିଜ୍ୟିକ ଆବଶ୍ୟକତା ପୂରଣ କରିବାକୁ ଉଦ୍ଦିଷ୍ଟ ଥିଲା। ତେବେ ଭାରତରେ ସର୍ବପ୍ରଥମେ ଲର୍ଡ କ୍ଲାଇବ୍ ହିଁ ଡାକ ସେବା ଆରମ୍ଭ କରିଥିଲେ। ୧୮୯୮ରେ ସମଗ୍ର ବ୍ରିଟିଶ ଇଣ୍ଡିଆ ପାଇଁ ଭାରତୀୟ ଡାକ ଆଇନ ପ୍ରବର୍ତ୍ତନ କରାଯାଇଥିଲା। ଏଥିରେ ଭାରତ ବାହାରେ ରହୁଥିବା ଭାରତୀୟମାନଙ୍କୁ ମଧ୍ୟ ଦେଶ ସହିତ ତାଙ୍କ ସେବାର ସୁଯୋଗ ମିଳିଥିଲା। ମୋଟାମୋଟି ଭାବେ ବ୍ରିଟିଶ ଶାସନ କାଳରେ ଡାକ, ତାର (ଟେଲିଗ୍ରାଫ୍) ଓ ରେଳ ସେବା ଆଦି ଯେତେ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା, ତାହାର ମୂଳ ଉଦ୍ଦେଶ୍ୟ ଥିଲା ଉପନିବେଶବାଦୀ ଶାସକଙ୍କ ସ୍ୱାର୍ଥ ରକ୍ଷା। ତେବେ ସମୟକ୍ରମେ ଏହି ବ୍ୟବସ୍ଥା ସବୁକୁ ମୂଳ ଭାରତୀୟମାନଙ୍କ ପାଇଁ ମୁକ୍ତ କରାଯାଇ ସେଥିପାଇଁ ଆଇନ ପ୍ରଣୟନ କରାଯାଇଥିଲା। ତେବେ ଏହି ୧୨୫ ବର୍ଷ ମଧ୍ୟରେ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟିଛି। ସ୍ୱାଧୀନ ଭାରତ ଇତିମଧ୍ୟରେ ୭୭ ବର୍ଷରେ ପଦାର୍ପଣ କରି ଏହାର ଡାକସେବା ଆବଶ୍ୟକତା ଓ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଡାକ ସେବା ଚିଠି, ଟଙ୍କା, ପାର୍ସଲ ଓ ତାର ପ୍ରେରଣର ପ୍ରମୁଖ ମାଧ୍ୟମ ଆଉ ହୋଇ ନାହିଁ। ନୂଆ ବ୍ୟବସ୍ଥା, ନୂତନ ଉଦ୍‌ଭାବନ ଏସବୁକୁ ଏବେ ଅନାବଶ୍ୟକ କରି ଦେଇଥିବାରୁ ଡାକ ଘରର କାର୍ଯ୍ୟ ପରିସର ବଦଳିଛି। ଏହା କ୍ରମଶଃ ମିନିବ୍ୟାଙ୍କ ବା ଡାକ ବ୍ୟାଙ୍କରେ ପରିଣତ ହୋଇ ବ୍ୟାଙ୍କ ସେବା ଯୋଗାଣ ଆରମ୍ଭ କଲାଣି। ମୋବାଇଲ, ଇଣ୍ଟରନେଟ୍, ଘରୋଇ କ୍ୟୁରିୟର ସେବା, ପେଟିୟମ, ଇଲେକ୍‌ଟ୍ରୋନିଂ ଟ୍ରାନ୍‌ଜାକସନ ବ୍ୟବସ୍ଥା ଯେତେବେଳେ ଅଧିକ ଲୋକପ୍ରିୟ ହେଉଛି, ସେତେବେଳେ ଡାକ ବିଭାଗ ତାହାର ପୁରୁଣା ମୌଳିକ ଦାୟିତ୍ୱ ନିର୍ବାହରେ ସୀମିତ ରହିବା ଅର୍ଥ ସମ୍ପୂର୍ଣ୍ଣ ବ୍ୟବସ୍ଥାର ମୃତ୍ୟୁ ଘଟିବା। ତେଣୁ ଏଥିରେ ପରିବର୍ତ୍ତନ ଅପରିହାର୍ଯ୍ୟ ଥିଲା ଏବଂ ଏହା ଆହୁରି ଆଗରୁ ସଂଶୋଧିତ ହେବାର ଆବଶ୍ୟକତା ରହିଥିଲା। ସବୁ ବ୍ୟବସ୍ଥା ସମୟ ଉପଯୋଗୀ ଓ ଲୋକାଭିମୁଖୀ ହୋଇ ଅଦ୍ୟତନ (ଅପଟୁଡେଟ୍)ନ ହେଲେ ତାହା ଅନାବଶ୍ୟକ ପାଲଟିଥାଏ। ଡାକ ଘରଗୁଡ଼ିକ ଏବେ ନାଗରିକ କୈନ୍ଦ୍ରିକ ସେବା ଯୋଗାଣର ନେଟ୍‌ୱାର୍କରେ ପରିଣତ ହେଉଥିବାରୁ ଡାକ ଆଇନର ସଂଶୋଧନ ଅପରିହାର୍ଯ୍ୟ। ତେଣୁ ସରକାରଙ୍କ ଏହି ବିଲ୍‌କୁ କେହି ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ତେବେ ଡାକ ସଂଶୋଧନ ବିଲ୍ ୨୦୨୩ରେ ଯେଉଁ କିଛି ଚିଠା ନିୟମ ରହିଛି, ସେଥିରୁ କେତେକକୁ ନେଇ ଆପତ୍ତି ଉଠିବା ସ୍ୱାଭାବିକ। ଉଦାହରଣ ସ୍ୱରୂପ ଡାକରେ ଯାଉଥିବା ସାମଗ୍ରୀ, ଚିଠିପତ୍ର, ନଥି ଆଦିକୁ ଆବଶ୍ୟକ ସ୍ଥଳେ ଜାତୀୟ ସ୍ୱାର୍ଥ ଏବଂ ବିଦେଶ ରାଷ୍ଟ୍ରଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଦୃଷ୍ଟିରୁ ସରକାର ତନଖି କରିପାରିବେ। ଆବଶ୍ୟକ ପଡ଼ିଲେ ଏଥିପାଇଁ ଅଧିକୃତ ଅଧିକାରୀ ସେସବୁ ଡାକକୁ ଖୋଲି ତାହାକୁ ଦେଖିବା ସହ ଜବତ କରିପାରିବେ। ଏହା ଛଡ଼ା ଜରୁରୀ ଆବଶ୍ୟକତା ଓ ସର୍ବସାଧାରଣ ନିରାପତ୍ତା ଦୃଷ୍ଟିରୁ ଡାକ ଅଧିକାରୀ ବା କର୍ମଚାରୀ ସନ୍ଦିଗ୍ଧ ଡାକକୁ ତନଖି କରିବାକୁ ଅଧିକୃତ ହେବେ। ଏହି ତନଖି କାମ କରିବାକୁ ଡାକ ବିଭାଗର ମହାନିର୍ଦ୍ଦେଶକ ନିଜ ବିଭାଗର ଅଧିକାରୀମାନଙ୍କୁ କ୍ଷମତା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଭାର ପ୍ରଦାନ କରିବେ। ଏ ସମ୍ପର୍କରେ ବିରୋଧୀ ଦଳର ସଦସ୍ୟମାନେ ପ୍ରଶ୍ନ ଉଠାଇବା ସ୍ୱାଭାବିକ; କାରଣ ଏଥିରେ ବ୍ୟକ୍ତି ବିଶେଷଙ୍କ ଗୋପନୀୟତା ଓ ଏକାନ୍ତତା ଅଧିକାର ଉପରେ ସରକାରୀ ହସ୍ତକ୍ଷେପର ଆଶଙ୍କା ରହିଛି। ବେଳେବେଳେ ସରକାରୀ ଅଧିକାରୀ ଓ ସରକାର ଉଦ୍ଦେଶ୍ୟମୂଳକ ଭାବେ ଏହି ନିୟମର ଦୁରୁପଯୋଗ କରିପାରନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ ଭାରତ ଭଳି ଏକ ଜଟିଳ ଓ ବିବିଧତା ପୂର୍ଣ୍ଣ ଦେଶରେ ନିୟମକାନୁନରେ ଢ଼ିଲା ହେଲେ ନ୍ୟସ୍ତସ୍ୱାର୍ଥ ଏବଂ ସମାଜ ବିରୋଧୀ ଏହାର ଫାଇଦା ନେବେ। ତେଣୁ ତଦାରଖ ବ୍ୟବସ୍ଥା ରହିବା ଆବଶ୍ୟକ। ଏହାଛଡ଼ା ସମୟ ସବୁବେଳେ ସବୁ ବ୍ୟବସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ। କେତେବେଳେ କେଉଁ ପରିସ୍ଥିତି ଆସିବ, ତାହା କଳନା କରିବା କଷ୍ଟ। ଅତଏବ ଆଇନରେ ଜାତୀୟ ସୁରକ୍ଷା ଓ ସର୍ବସାଧାରଣ ନିରାପତ୍ତା ରକ୍ଷା ପାଇଁ ବ୍ୟବସ୍ଥା ରହିବା ଉଚିତ। ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଯେ କଠୋର ବ୍ୟବସ୍ଥା ସତ୍ତ୍ୱେ ଏହାର ଦୁରୁପଯୋଗ ଯେପରି ନ ହୁଏ, ସେଥିପାଇଁ ଅଧିକାରୀମାନଙ୍କୁ ଦାୟୀ କରାଯିବାର ବ୍ୟବସ୍ଥା ଅଛି। ମନିଅର୍ଡର ଅର୍ଥନୀତିକ ଯୁଗ ବଦଳିଛି। ଏବେ ଦେଶର ଦୂର ଦୂରାନ୍ତ ଗ୍ରାମାଞ୍ଚଳରେ ଯେଉଁଠି ବ୍ୟାଙ୍କ ସୁବିଧା ନାହିଁ ଏବଂ ନିକଟ ଭବିଷ୍ୟତରେ ଏହାର ମିଳିବା ସମ୍ଭାବନା କ୍ଷୀଣ, ସେଠାରେ ଥିବା ଡାକଘର ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସେବା ଯୋଗାରର ବ୍ୟବସ୍ଥା କରାଯାଉଛି। ଏଭଳି କ୍ଷେତ୍ରରେ ପୁରୁଣା ଡାକ ଆଇନର ସଂଶୋଧନ ସମୟର ଏକ ଚରମ ଆବଶ୍ୟକତା।

# ପିଲାମାନଙ୍କର କଣ୍ଠଅଳତି



ନାରାୟଣ ଚନ୍ଦ୍ର ବିଶ୍ୱାଳ


ପିଲାମାନଙ୍କ ପାଇଁ ଜୀବାଣୁ ଦ୍ୱାରା ସଂକ୍ରମିତ ବିଭିନ୍ନ ରୋଗ ଭିତରୁ କଣ୍ଠ ଅଳତି ବା ଡ଼ିପ୍‌ଥେରିଆ ଅନ୍ୟତମ। ଏହି ରୋଗରେ ଏକ ଧଳା ପତଳା ଝିଲ୍ଲୀ କଣ୍ଠରେ ସୃଷ୍ଟି ହୋଇଥାଏ ଏବଂ ସେଥିରୁ ଶକ୍ତିଶାଳୀ ବହିବିଷାଣୁ ନିର୍ଗତ ହୋଇ ରକ୍ତରେ ପ୍ରଭାବିତ ହୋଇ ଖରାପ ଲକ୍ଷଣମାନ ଦେଖାଯାଇଥାଏ। ଏହି ବ୍ୟାଧି ୬ମାସ ବୟସରୁ କମ ପିଲାମାନଙ୍କୁ ପ୍ରାୟ ହୋଇନଥାଏ। ସ୍କୁଲକୁ ଯିବାର ପୂର୍ବବୟସ ପିଲାମାନଙ୍କୁ ବିଶେଷ ପରିମାଣରେ ହୋଇଥାଏ। ବଡ଼ପିଲା ଏବଂ ବଡ଼ଲୋକଙ୍କୁ ମଧ୍ୟ ହେବାର ଦେଖାଯାଇଛି। କରିନ୍‌ବେକ୍‌ଟେରିଅମ୍ ଡିପ୍‌ଥେରି ନାମକ ଜୀବାଣୁ ଦ୍ୱାରା କଣ୍ଠଅଳିତ ରୋଗ ହୋଇଥାଏ। ଏହା ଏକ ସୁରାସାର ଅଧାବ୍ୟ, ଗତିବିହିନ ଏବଂ ଜୀବାଣୁ ଗଠନ ରହିତ ଦଣ୍ଡାଣୁ। ସୃଷ୍ଟି ହୋଇଥିବା ପତଳା ଝିଲ୍ଲୀର ଅବସ୍ଥାନ ଏବଂ ଏହାର ବିସ୍ତାର ଏବଂ ପିଲାର ବୟସ ଉପରେ ରୋଗର ପ୍ରକଟୀକରଣ ନିର୍ଭର କରିଥାଏ।

ଶୀତ ଋତୁରେ ପିଲାମାନଙ୍କ ପାଇଁ ଭୟାବହ ବିଭିନ୍ନ ରୋଗ ଭିତରୁ କଣ୍ଠଅଳତି ପ୍ରମୁଖ। ଯଦିଓ ସମ୍ପ୍ରତି ଏହି ରୋଗର ଟୀକା ସରକାରଙ୍କ ଡାକ୍ତରଖାନା ଠାରୁ ସବୁଠି ଉପଲବ୍ଧ ହେଉଛି ତେଣୁ ଏହାର ପ୍ରାର୍ଦୁଭାବ ବଢ଼ିବା ତୁଳନାରେ ଢ଼େର କମିବାରେ ଲାଗିଛି। ରୋଗ ବହନ କରୁଥିବା ଛୋଟ ପିଲାଟିର ନାକର ପାଣି, ପାଟିର ଛେପ ଓ ଚକ୍ଷୁର ପାଣିରେ ଏହାର ଭୟାବହ ଜୀବାଣୁ ଲୁଚି ରହିଥାନ୍ତି। ଯାହାଦ୍ୱାରା ପିଲାଟି ଛିଙ୍କିଲେ ବା କାଶିଲେ ଏହାର ଛେପ,ସଂଘାଣି ଦ୍ୱାରା ପିଲାଟିର ଆଖପାଖରେ ରହୁଥିବା ଲୋକମାନଙ୍କୁ ସଂକ୍ରମଣ ହେବାର ସମ୍ଭାବନା ବି ରହିଥାଏ। ପିଲାଟିକୁ ପାଖାପାଖି ଦୁଇସପ୍ତାହ ପର୍ଯ୍ୟନ୍ତ ଏହା ଭାରାକ୍ରାନ୍ତ କରିଥାଏ। ପ୍ରାରମ୍ଭିକ ସମୟରେ ପିଲାଟିକୁ ଏହା ପାଖାପାଖି ସପ୍ତାହ ପର୍ଯ୍ୟନ୍ତ ଯନ୍ତ୍ରଣାରେ ଛଟପଟ କରିଥାଏ। ପିଲାଟିର ନାକର ଝିଲ୍ଲୀ, ଟନ୍‌ସିଲ୍, କଣ୍ଠନଳୀ, ଶ୍ୱାସନଳୀ, ଚକ୍ଷୁର ଯୋଜକତ୍ୱକ୍, ଚର୍ମ ଏପରିକି ଜନନେନ୍ଦ୍ରିୟ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ପାରିଥାଏ। ଟନ୍‌ସିଲ୍ ଓ କଣ୍ଠନଳୀର କଣ୍ଠଅଳତି ଠାରୁ ନାକରେ କଣ୍ଠଅଳତି ପର୍ଯ୍ୟନ୍ତ ସବୁଠି ପିଲାକୁ ଯନ୍ତ୍ରଣା ହିଁ ଦେଇଥାଏ। ଶିଶୁ ବିଶେଷଜ୍ଞମାନେ ପିଲାଟିର ଧଳା ଝିଲ୍ଲୀମାନଙ୍କରୁ ରସ ନେଇ ନିଦାନ ବିଭାଗ ଦ୍ୱାରା ପରୀକ୍ଷା କରାଇ ଜୀବାଣୁକୁ ଚିହ୍ନଟ କଲାପରେ ଚିକିତ୍ସା ତ୍ୱରାନ୍ୱିତ କରାନ୍ତି। ପିଲାଟିକୁ ମୁଖ୍ୟତଃ ଶୀତ ଦିନରେ କଣ୍ଠଅଳତି ସଂକ୍ରମିତ ହେଉଥିବାରୁ ଘରର ବାହାରକୁ ଛାଡ଼ିବା ନିରାପଦ ନୁହେଁ। ଚିକିତ୍ସା ଶେଷ ହୋଇ ପିଲାଟି ସୁସ୍ଥ ହେବା ପର୍ଯ୍ୟନ୍ତ ଘରର ମୁକ୍ତ ପବନ ଥିବା ପରିବେଶ ରଖନ୍ତୁ। ସେହିପରି ଚିକିତ୍ସକଙ୍କ ପରାମର୍ଶ ନେଇ ତଟକା ଖାଦ୍ୟ ଓ ସିଝା ପାଣି ସମ୍ପୂର୍ଣ୍ଣ ନିରାପଦ। ତେବେ ହୃତ୍‌ପିଣ୍ଡ ସମସ୍ୟା ଥିବା ପିଲାମାନଙ୍କ ପାଇଁ ଆବଶ୍ୟକସ୍ଥଳେ ଅମ୍ଳଜାନ ନେବାକୁ ପଡ଼ିଥାଏ।

ଟନ୍‌ସିଲ ଓ କଣ୍ଠନଳୀର କଣ୍ଠଅଳତି କ୍ଷେତ୍ରରେ ପିଲାଟିର ପ୍ରଥମେ ଦେହ ହାତ ଘୋଳା ବିନ୍ଧା ହୋଇ କିଛି କ୍ଷେତ୍ରରେ ଜ୍ୱର ମଧ୍ୟ ହୋଇଥାଏ, ଗଳା ଦରଜ ହୋଇ ପିଲାଟି ଖାଦ୍ୟ ଓ ପାନୀୟ ଜଳ ଗ୍ରହଣ କରିବାକୁ ଇଚ୍ଛା କଲେ ବି କଷ୍ଟ ପାଇଥାଏ। ଏହା କଣ୍ଠନଳୀକୁ ସ୍ପର୍ଶ କରୁଥିବାରୁ ପିଲାଟି ପାଇଁ ଏହା ଅତ୍ୟନ୍ତ ଯନ୍ତ୍ରଣା ଦେଇଥାଏ। ତେବେ ସେହିପରି ନାକରେ କଣ୍ଠଅଳତି କ୍ଷେତ୍ରରେ ଯାହାକି ପ୍ରାୟତଃ ଛୋଟ ଛୋଟ ପିଲାଙ୍କୁ ହୋଇଥାଏ ଏ କ୍ଷେତ୍ରରେ ପ୍ରାରମ୍ଭିକ ସମୟରେ କୌଣସି ଲକ୍ଷଣ ପ୍ରାୟତଃ ଜଣା ପଡ଼ିନଥାଏ। ନାକ ଭିତରେ ଥିବା ପତଳା ଝିଲ୍ଲୀକୁ ଏହା ମୁଖ୍ୟତଃ ସଂକ୍ରମିତ କରି ନାକରୁ ନିର୍ଗତ ଜୀବାଣୁଯୁକ୍ତ ଦୁର୍ଗନ୍ଧ ସଂଘାଣି ପରି କିଛି କ୍ଷେତ୍ରରେ ରକ୍ତ ମଧ୍ୟ ବାହାରିଥାଏ। ଏହି କ୍ଷେତ୍ରରେ ପିଲାଟିର ନାକପୁଡ଼ା ବନ୍ଦ ହୋଇଗଲା ପରି ନିଶ୍ୱାସ ନେବା କ୍ଷେତ୍ରରେ ଅତ୍ୟନ୍ତ ଯନ୍ତ୍ରଣା ପାଇଥାଏ। ତେବେ ଯନ୍ତ୍ରଣାଦାୟକ ଏହି କଣ୍ଠଅଳତିକୁ ପିଲାମାନଙ୍କର ବାପାମାଆ ମାନେ ପ୍ରାରମ୍ଭିକ ସମୟରୁ ନିଦାନ ବ୍ୟବସ୍ଥା ସହ ଶିଶୁବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା କମ୍ ଦିନ ଭିତରେ ପିଲାଟିକୁ ଯନ୍ତ୍ରଣାରୁ ମୁକ୍ତ ରଖିପାରିଥାଏ। ମନେରଖନ୍ତୁ ପିଲାମାନଙ୍କୁ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ସମସ୍ତ ଚିକିତ୍ସାଳୟର ଶିଶୁ ବିଭାଗରେ ଏପରିକି ଗାଁ ଗାଁ ରେ ବୁଲି ଆଶାକର୍ମୀ ବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ଡିପିଟି କିମ୍ବା ଡିଟି ନେବା ଖୁବ୍ ଭଲ। ସମ୍ପ୍ରତି ସବୁକ୍ଷେତ୍ରରେ ପରିବେଶ ପ୍ରଦୂଷିତ ହେଉଥିବାରୁ ପିଲାମାନଙ୍କୁ ବିଶେଷକରି ଶୀତଦିନର କୁହୁଡ଼ି, ଧୂଳି, ଧୂଆଁ, ପୋଷା ପଶୁପକ୍ଷୀଙ୍କ ଲୋମ ଏପରିକି ଘରେ ଗଦା ହୋଇରହିଥିବା ଆବର୍ଜନା କ୍ଷେତ୍ର ଠାରୁ ଦୂରେଇ ରଖନ୍ତୁ। ପିଲାଟି ପାଇଁ ଗୋଟିଏ ତାହାରି ସୁବିଧାନୁଯାୟୀ ଭଲ ରୁଟିନ୍‌ଟି ତିଆରି କରିବା ଖୁବ୍ ଭଲ। ପିଲାଟି ନିର୍ଦ୍ଧାରିତ ସମୟରେ ଖାଇବା ଠାରୁ ବିଶ୍ରାମ, ପାଠପଢ଼ା ଠାରୁ ଖେଳକୁଦ ସବୁକ୍ଷେତ୍ରରେ ବାପମାଆଙ୍କୁ ମାର୍ଗ ଦେଖାଇବାକୁ ପଡ଼ିଥାଏ। ତେବେ ଏହି ରୋଗ କ୍ଷେତ୍ରରେ କେବେ ହେଲେ ତୁଟୁକା ତୁଟିକି ଚିକିତ୍ସା ବା କାନକୁହା କଥାଶୁଣି ଆଦୌ କୌଣସି ଚିକିତ୍ସା କରନ୍ତୁ ନାହିଁ। କାରଣ ଏ କ୍ଷେତ୍ରରେ ପିଲାର କଣ୍ଠସହ ନିଶ୍ୱାସର ସମ୍ପର୍କ ରହୁଥିବାରୁ ଆପଣଙ୍କ ସାମାନ୍ୟ ଅସାବଧାନତା ପିଲାଟି ପାଇଁ ଘାତକ ହୋଇପାରେ। ତେବେ ବ୍ୟସ୍ତ ନ ହୋଇ ନିକଟସ୍ଥ ଶିଶୁରୋଗ ବିଶେଷଜ୍ଞ ବା ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ କଣ୍ଠଅଳତି ପିଲାଟି ପାଇଁ ଯନ୍ତ୍ରଣାଦାୟକ ହୋଇପାରିବ ନାହିଁ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ,
କଟକ,
ମୋ : ୯୪୩୮୨୭୬୭୬୦

# କ୍ରୋଧ ମନୁଷ୍ୟର ପରମ ଶତ୍ରୁ



ଶରତ କୁମାର ସାହୁ

କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ହେଉଛି, ମନୁଷ୍ୟର ଷଡ଼ରିପୁ। ଯେଉଁଗୁଡ଼ିକ ପଦେ ପଦେ ମନୁଷ୍ୟକୁ ବିପଥଗାମୀ କରାଇ ଅଧଃପତନ ଆଡ଼କୁ ଟାଣି ନେଇ ଥାନ୍ତି। ଏମାନେ ଗୋଟିଏ ଗୋଟିଏ ଅତି ବିପଦ୍‌ଜନକ ଅନ୍ତଃଦସ୍ୟୁ। ଏହି ଷଡ଼ରିପୁ ମଧ୍ୟରୁ ପ୍ରଥମ ତିନୋଟିକୁ ଜୟ କରି ପାରିଲେ ଅନ୍ୟ ତିନୋଟି ସହଜରେ ବଶ ହୋଇଥାନ୍ତି। କ୍ରୋଧ ହେଉଛି ମନୁଷ୍ୟର ଦ୍ୱିତୀୟ ଶତ୍ରୁ। ଆଧାତ୍ମିକ ଶାସ୍ତ୍ରରେ ଉଲ୍ଲେଖ ରହିଛି - 'କ୍ରୋଧ ହିତ୍ୱା ନ ଶୋଚତି'। କ୍ରୋଧୀ ଲୋକ କେବେ ଆନନ୍ଦ ପାଇନଥାଏ ଏବଂ ସର୍ବଦା ଦୁଃଖ ଦୁର୍ଦ୍ଦଶା ଭୋଗ କରେ। ପ୍ରକୃତରେ କାମନାପୂର୍ଣ୍ଣ ଜୀବନରୁ ହିଁ କ୍ରୋଧ ଜନ୍ମ ନିଏ। ଆମେ ଜାଣିଥାଉ ଯେ କସ୍ମିନ କାଳେ ମନୁଷ୍ୟ ତାର ସମସ୍ତ କାମନା ପୂରଣ କରି ପାରିବ ନାହିଁ। କାରଣ ଗୋଟିଏ କାମନା ଚରିତାର୍ଥ ହେବାକ୍ଷଣି ପୁନଶ୍ଚ ଅନେକଗୁଡ଼ିଏ କାମନା ଆସି ପହଞ୍ଚିଯାଏ। ଫଳତଃ ସମସ୍ତ କାମନା ଗୁଡ଼ିକୁ ପୂରଣ କରିବା ସଂଭବପର ହୁଏ ନାହିଁ। ତେଣୁ କାମନାଗୁଡ଼ିକ ପ୍ରତିହତ ହେବା ଫଳରେ କ୍ରୋଧ ଜାତ ହୋଇତାଏ। ଅର୍ଥାତ୍ କାମନା ଅପ୍ରାପ୍ତିରୁ ହିଁ କ୍ରୋଧର ଉତ୍ପତ୍ତି। କ୍ରୋଧଜାତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ ଠାରେ ହିଂସା ପ୍ରବୃତ୍ତି ଜାଗି ଉଠେ। ସେ କ୍ରୋଧାନ୍ଧ ହୋଇ ସର୍ବଦା ପ୍ରତିଶୋଧ ନେବାକୁ ସଂକଳ୍ପ କରେ ଏବଂ ନାନାବିଧ ହିଂସା, ଦ୍ୱେଷ, ଦଙ୍ଗା, ହଙ୍ଗାମା, ନରହତ୍ୟା ଆଦି କୁକର୍ମ କରିବାକୁ ପଛେଇ ନଥାଏ। ତେଣୁ କ୍ରୋଧକୁ ଜୟ କରି ପାରିଲେ ହିଂସା ଭାବ ଉଦ୍ରେକ ହୁଏନାହିଁ।

କ୍ରୋଧ ମନୁଷ୍ୟର ପରମ ଶତ୍ରୁ। ଥରେ କ୍ରୋଧ ଜାତ ହେଲେ ମନ ଉପରେ ସଂଯଜ ଓ ଆୟତ୍ତ ରହେ ନାହିଁ। ମନୁଷ୍ୟର ବୁଦ୍ଧି ହଜିଯାଏ ଏବଂ ତା ଠାରେ ହିତାହିତ ଜ୍ଞାନ ରହେ ନାହିଁ। କ୍ରୋଧୀର ଶରୀରରେ ଅକଥନୀୟ ଓ ଅଭୂତପୂର୍ବ କ୍ଷତି ଘଟେ। ଦେଖାଯାଇଛି ଯେ ମନୁଷ୍ୟ ଥରେ ରାଗିଲେ ତାର ୭୨ଟି ମାଂସପେଶୀ ଉତ୍ତେଜିତ ହୁଅନ୍ତି ଏବଂ ଶରୀର ଥରିବାକୁ ଆରମ୍ଭ କରେ। ଶରୀରର ସମସ୍ତ ରକ୍ତ ତାତି ଯାଏ ଏବଂ ପୁଣି ଶୀତଳ ହୋଇ ସ୍ୱାଭାବିକ ବା ସ୍ୱଭାବିକ ସ୍ତରକୁ ଆସିବା ପାଇଁ ତିନିମାସ ଲାଗେ। ଜଣାଯାଇଛି ଯେ ଗୋଟିଏ ମୁହୂର୍ତ୍ତର କ୍ରୋଧ ଛଅ ମାସ ଖାଦ୍ୟରୁ ମନୁଷ୍ୟ ଆହରଣ କରିଥିବା ଶକ୍ତିକୁ ନଷ୍ଟ କରିଦିଏ। ଏହିପରି ଭାବରେ ମନୁଷ୍ୟର କ୍ରୋଧ ବଢ଼ିବା ସଙ୍ଗେ ସଙ୍ଗେ ଶରୀରର ଦୁର୍ବଳତା ମଧ୍ୟ ବୃଦ୍ଧି ପାଇଥାଏ ଏବଂ ଆୟକ୍ଷୟ ହୋଇଥାଏ। ତେଣୁ ରାଗି ଲୋକ ତାର ସ୍ୱାସ୍ଥ୍ୟ ହରାଏ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଭଗବାନ ଶ୍ରୀକୃଷ୍ଣ ଜରାସଂଧକୁ ବାରମ୍ବାର କ୍ରୋଧାନ୍ୱିତ କରାଇ ଦୁର୍ବଳ କଲାପରେ ହିଁ ଶେଷରେ ତାକୁ ବଧ କରିଥିଲେ। ଅତି କ୍ରୋଧ ଉତ୍ତେଜନାରେ ଅନେକ ମନୁଷ୍ୟଙ୍କର ରକ୍ତଚାପ ବୃଦ୍ଧି ପାଏ, ଫଳରେ ମୃତ୍ୟୁମୁଖରେ ପଡ଼ନ୍ତି। କ୍ରୋଧରେ ବଶବର୍ତ୍ତୀ ହୋଇ ରାବଣ ଓ ହରିଣ୍ୟକଷିପ ଭଗବାନଙ୍କୁ ମଧ୍ୟ ଅବଜ୍ଞା କରିଥିଲେ। ଫଳତଃ ମୃତ୍ୟୁକୁ ବରଣ କରିଥିବା ବିଷୟ ପୁରାଣରେ ବର୍ଣ୍ଣିତ। ମନୁଷ୍ୟ ବ୍ୟତୀତ କେତେକ ମନୁରଷି ମଧ୍ୟ କୋପାନଳରୁ ମୁକ୍ତ ନ ଥିଲେ ଯଥା - ତ୍ରିକାଳଜ୍ଞ ଋଷି ଦୁର୍ବାସା, ରାଜର୍ଷି ବିଶ୍ୱାମିତ୍ର, ଯମଦଗ୍ନି ପ୍ରଭୃତି। ବେଳେବେଳେ ଋଷିମାନଙ୍କ କ୍ରୋଧ ମଧ୍ୟ ବରଦାନରେ ପରିଣତ ହୋଇଛି। ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇ ପାରେ ଯେ ଅଶ୍ୱତ୍‌ଥମା ସୂର୍ଯ୍ୟାସ୍ତ ପୂର୍ବରୁ ପାଣ୍ଡବମାନଙ୍କୁ ହତ୍ୟା କରିବ ବୋଲି ବରପ୍ରାପ୍ତ ହୋଇଥିଲା। ତେଣୁ ସେ ପାଣ୍ଡବମାନଙ୍କ ଅନ୍ୱେଷଣରେ ଯାଇ ଦୁର୍ବାସା ଋଷିଙ୍କ ଆଶ୍ରମରେ ପହଞ୍ଚି ପାଣ୍ଡବମାନେ କେଉଁଠାରେ ଅଛନ୍ତି ବୋଲି ଋଷିଙ୍କୁ ପଚାରନ୍ତେ ସେ ହଠାତ୍ ରାଗି ଯାଇ 'ମୋ ପାଦ ତଳେ ଅଛନ୍ତି' ବୋଲି ସତକଥା କହିଲେ; ମାତ୍ର ଅଶ୍ୱତଥମା ଋଷିଙ୍କ କ୍ରୋଧପୂର୍ଣ୍ଣ ବାକ୍ୟର ଫଳାଫଳ ଅଭିଶାପରେ ପରିଣତ ହେବା ଆଶଙ୍କାରେ ତାଙ୍କୁ ଆଉ ଅଧିକ ନ ପଚାରି ସେ ସ୍ଥାନ ପରିତ୍ୟାଗ କଲେ। ଫଳତଃ ପାଣ୍ଡବମାନେ ସେ ଦିନ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଲେ। ତେଣୁ କ୍ରୋଧ ମଧ୍ୟ ସମୟାନୁସାରେ ଜୀବନ ରକ୍ଷାକରେ। ଅବଶ୍ୟ ଏ ଲୀଳା ଥିଲା ସଂପୂର୍ଣ୍ଣ ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କର। ରାଜର୍ଷି ବିଶ୍ୱାମିତ୍ର ମଧ୍ୟ ମହର୍ଷି ବଶିଷ୍ଠଙ୍କ ଆଶ୍ରମର କାମଧେନୁ ନନ୍ଦିନୀକୁ ତାଙ୍କ ସୈନ୍ୟମାନଙ୍କ ସାହାଯ୍ୟରେ ବଳପୂର୍ବକ ନେଇଯିବା ପାଇଁ ମନସ୍ଥ କଲେ; ମାତ୍ର ନନ୍ଦିନୀ ଗାଈର ଦିବ୍ୟଶକ୍ତି ଆଗରେ ହାର ମାନିଲେ। ଶେଷରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପୁନଶ୍ଚ ଯୁଦ୍ଧକରି ପ୍ରତିଶୋଧ ନେବା ସଂକଳ୍ପ ନେଇ ଆଶ୍ରମରୁ ଫେରି ଯାଇଥିଲେ।

କ୍ରୋଧ ସମୟରେ ମନୁଷ୍ୟ ଶରୀରର ସର୍ବାଙ୍ଗରେ ଅନେକ ପରିବର୍ତ୍ତନ ଘଟି ଥାଏ। ତାର ଚକ୍ଷୁଦ୍ୱୟ ଲାଲ ହେବା ସଙ୍ଗେ ସଙ୍ଗେ ମୁହଁ ଅସୁନ୍ଦର ଓ ବିକୃତ ଦିଶେ। ତେଣୁ କ୍ରୋଧକୁ ଜୟ କରିବା ସକାଶେ କେତେକ ଉପାୟ ନିର୍ଦ୍ଧାରିତ ହୋଇଛି। କ୍ରୋଧଜାତ ହେବାକ୍ଷଣି ଯେତେ ଶୀଘ୍ର ପାର ସେ ସ୍ଥାନ ଛାଡ଼ି ଚାଲିଯିବ। କ୍ରୋଧ ସମୟରେ ମୌନାବଲମ୍ବନ କରିବା ଶ୍ରେୟସ୍କର ଏବଂ କ୍ରୋଧର କାରଣ ଠାରୁ ଦୂରରେ ରହିବ। କ୍ରୋଧ ନିୟନ୍ତ୍ରଣ ପାଇଁ ପ୍ରଥମେ ଥଣ୍ଡା ଜଳରେ ମୁହଁ ଧୋଇ ଏକ ଗିଲାସ ଥଣ୍ଡା ପାଣି ପାନ କରିବ। ମନୁଷ୍ୟ ରାଗିଲା ବେଳେ ନିଜର ବିକୃତ ଓ ଅସୁନ୍ଦର ମୁହଁକୁ ଦର୍ପଣରେ ଦେଖିଲେ ମଧ୍ୟ ରାଗ ପ୍ରଶମିତ ହୋଇଥାଏ। କ୍ରୋଧ କୌଣସି ଘଟଣା ବା ସମସ୍ୟାର ସମାଧାନର ଶେଷ ରାସ୍ତା ନୁହେଁ ବରଂ ଏହି କ୍ଷଣିକ କ୍ରୋଧ ଜଣଙ୍କର ଅନେକ ଏପରି ଅକ୍ଷମଣୀୟ କ୍ଷତି କରିଦେଇଥାଏ ଯେ ପରବର୍ତ୍ତୀ ସମୟରେ ଏହାର ଭରଣା ହୋଇପାରି ନଥାଏ। ଆପଣ ନିୟମିତ ଖବରକାଗଜରୁ ପ୍ରାୟ ପଢ଼ିବାକୁ ପାଉଥିବେ କ୍ରୋଧରେ କିଏ ନିଜ ସନ୍ତାନକୁ ହତ୍ୟା କଲାଣି ତ ପିତାମାତା, ବନ୍ଧୁ, ମାଲିକ, ଧର୍ମପତ୍ନୀ କେହି ମଧ୍ୟ ଏଥିରୁ ବର୍ତ୍ତି ପାରିନଥାନ୍ତି। କ୍ରୋଧ ମଣିଷ ଜୀବନର ସମସ୍ତ ଅନର୍ଥର କାରଣ ଏହା ଜଣଙ୍କର ସତ୍ ଜୀବନକୁ ଅସତ୍ ପଥକୁ ଟାଣି ନେଇ ଯେଉଁ ଦୁର୍ବାର କ୍ଷତି କରିଥାଏ ତାହା ପରବର୍ତ୍ତୀ ସମୟରେ ଅନୁଶୋଚନା ହେଲେ ମଧ୍ୟ କିନ୍ତୁ ଏହାର ପୂର୍ବବତ୍ କ୍ଷତି ଆଉ ପୂରଣ ହୋଇପାରି ନଥାଏ। ଅନେକ ଘଟଣା ଦେଖାଯାଇଥାଏ କ୍ରୋଧ ପାଇଁ ଜଣେ ଜଣେ ତାଙ୍କର ସର୍ବସ୍ୱ ଏପରି ତାଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶକୁ ମଧ୍ୟ ଭୂଲୁଣ୍ଠିତ କରିଦେଇଥାନ୍ତି। କ୍ରୋଧ ଏପରି ଏକ ଅସୁର ଏବଂ ଆମର ଏପରି ଏକ ଶରୀର ମଧ୍ୟରେ ଥିବା ଚରିତ୍ରଗତ ଶତ୍ରୁ ଯାହାର ତତ୍କାଳ ନାଶ କରିବା ଅତ୍ୟନ୍ତ ଜରୁରୀ। କାରଣ ଏହା ଜଣଙ୍କର ବ୍ୟକ୍ତିତ୍ୱ ତାଙ୍କ ଆଦର୍ଶର ପରିପନ୍ଥୀ ହୋଇଥାଏ। ସର୍ବୋପରି ଦିବ୍ୟ ନାମ ଗାନ ଓ ସଦଗ୍ରନ୍ଥ ପଠନରେ କ୍ରୋଧର ପ୍ରକୋପ ମନ୍ତ୍ରବତ୍ କମି ଯିବା ସଙ୍ଗେ ସଙ୍ଗେ ସମସ୍ତ ସମସ୍ୟା ଓ ଦୁଃଖ ଦୁର୍ଦ୍ଦଶା ଦୂରୀଭୂତ ହୋଇ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ।

ଉପକରଣ ହାଉସ, ଚଣ୍ଡୀଖୋଲ,
ଯାଜପୁର,
ମୋ : ୯୪୩୭୦୫୧୫୪୩




## ଅପୂରଣୀୟ ସ୍ୱପ୍ନମାନେ

ନିରଞ୍ଜନ ସାହୁ

ଏହି ଜୀବନରେ ଅନେକ ସପନ
ଅଧୁରା ରହିଛି ପୁଣି
ସେ ସପନମାନେ ପାଗଳ କରାନ୍ତି
ଖାଇଯାନ୍ତି ଝୁଣିଝୁଣି ।

କାହିଁକି ଜୀବନେ ଏତେ ସ୍ୱପ୍ନ ଆସି
ଉଙ୍କି ମାରିଦେଇ ଗଲେ
ଏହି ସ୍ୱପ୍ନ ସବୁ ଅସ୍ଥିର କରାଇ
ମୋତେ ହୀନିମାନ କଲେ
କେଉଁ ସ୍ୱପ୍ନ କୁହ ବୁଝିଛି ମୋ କଥା
କେଉଁ ସ୍ୱପ୍ନ କଲା ଋଣୀ ?

ନୂଆନୂଆ କେତେ ସପନ ଆସିଛି
ଆଙ୍କନ୍ତି ତାଙ୍କରି ରୂପ
ମୋତେ ଲାଗେ ମୋର ଗଳା
ହଣାହେବ
ସମ୍ମୁଖରେ କାଠ ଯୁପ
ଅବୁଝା ମନଟା ଜମା ବୁଝେନାହିଁ
ସପନ ଚାଲଇ ବୁଣି ।

ହେ ସପନ ! ମୋର ଘେନ
ନିବେଦନ
ଆଉ ଆସନାହିଁ କେବେ
କେମିତି କୁହ ତ ବଞ୍ଚିବି ମୁଁ ଏଠି
ତୁମେ ଆସୁଥିବ ଯେବେ
ସପନ ପ୍ରବଳ ଅଳପ ସମ୍ବଳ
ଖାଲି ହୋଇଯିବ ମୁଣି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ତୃଷାର୍ତ୍ତ ଜୀବନ

ଡ. ଦୀପକ କୁମାର ମିଶ୍ର

ତତଲା ଭୂଇଁରେ
ପାଦେ ପାଦେ ଘୁଞ୍ଚିଯାଏ ଶୋଷ
ଗଳାରେ ଘା'
ନିଆଁରେ ପୋଡ଼ିଯାଏ ଓଠ ।

ମୁହଁରେ ରକ୍ତର ଛିଟା,
ଲଢ଼େଇ,
ଭୋକ ନୁହଁ, ମରୁଗୁଳ୍ମ ସହ
କ'ଣ ଯେ କରୁଚି ମଣିଷ
ରାସ୍ତା ଚାଲିବା ଶିଖୁ ଶିଖୁ
ଭୁଲିଯାଏ ବାଛିବାକୁ ବାଟ ।

ଏତେ ପାଠ, ପଦ ପଦବି, ସଜବାଜ
ଲାଭ କ'ଣ କୁହ ?
ଅଶୁଚି ହାତରେ
ଦେଇ ହୁଏନା ଆଶିଷ
ଅଶୌଚ ଛାତିରେ
କେଉଁ କରି ହୁଏ କୋଳାଗ୍ରତ
ଅନ୍ୟ କୂଳ କଥା ଜଣା ନାହିଁ
କିନ୍ତୁ ଏ କୂଳରେ ଆଉ ଭରିବନି
କରିଥିବା କ୍ଷତ ।

ମରୁଝର ପଛରେ ଧାଇଁ ଧାଇଁ
କଟାହେଲା ଯେତେ ଛୋଟବଡ଼ ଗଛ
ଗଲା ଛାଇ, ହଜିଗଲା ଲକ୍ଷ୍ୟ
ବର୍ଷ ବର୍ଷର ନିଦକୁ ମୂରଛି
ଯେଉଁ ଗଢ଼ାହେଲା ସ୍ୱପ୍ନ
ସିଏ ଏବେ ଜହ୍ନ ହୋଇ ଅନ୍ୟ
ଆକାଶରେ
ଦେଉଚି ପ୍ରଚଣ୍ଡ ଆଲୁଅ ।

ଛୁଇଁ ହେଲାନି ମରୁଝର,
ଯେଉଁ ତୃଷାର୍ତ୍ତକୁ
ଆଜିବି ସେହି ତୃଷାର୍ତ୍ତ ଜୀବନ ।

+ଭୁବନେଶ୍ୱର
୮୨୮୦୨୧୧୦୦୦

## ହେବି ମୁଁ ଚାଷୀ ହେବି ମୁଁ କବି

ଧ୍ରୁବ ଚରଣ ଘିବେଲା

ଚାଷୀ ମୁଁ ହେବି ରୋଇବି କୋବି
ବନ୍ଧା ସହିତ ଫୁଲ
ବଢ଼ିଆ ଚାଷ ଲାଭ ବିଶେଷ
ଚାଷ ବାସ ସୁନ୍ଦର ।

ଶୀତଦିନିଆ କୋବି ବଢ଼ିଆ
କୋବି ଭଜା ସୁଆଦ
କୋବି ତର୍କଓରି ଆଦର କରି
ଖାଇଲେ ହିଁ ଆନନ୍ଦ ।

ଚାଷୀ ମୁଁ ହେବି ଗୀତ ଗାଇବି
ଚାଷ କରିବା ବେଳେ
ଖୁସିରେ ଥାଇ ଖୁସିକୁ ବାଣ୍ଟି
ରହିବି ସବୁବେଳେ ।

ହେବି ମୁଁ ଚାଷୀ ରହିବି ଖୁସି
ଚାଷ ବାସରେ ଥାଇ
ଚାଷରୁ ଖୁସି କେତେ ସାଉଁଟି
ସର୍ବଦା ରହିଥାଇ ।

ହେବି ମୁଁ ଚାଷୀ ଲେଖିବି ଗୀତି
କବିତା ସୁର ଦେଇ
କାଗଜ କ୍ଷେତ ଶବଦ ଶସ୍ୟ
ସେ କ୍ଷେତେ ଉପୁଜାଇ ।

ସେ ଚାଷୀ କବି ଲେଖେ ସେ ଭାବି
କରେ ସେ ପରିଶ୍ରମ
କବି ବି ଚାଷୀ ଲେଖିଲେ ଖୁସି
ଧରି କାଳି କଲମ ।

ଚାଷୀ ସେ ଚଷେ କବି ବି ଚଷେ
ଚଷିବା କ୍ଷେତ ଭିନ୍ନ
ଚାଷୀ କ୍ଷେତରେ କବି ଖାତାରେ
ଉତ୍ପାଦ ଶସ୍ୟ ଭିନ୍ନ।

ଚାଷୀ ପେଟକୁ କବି ମୁଣ୍ଡକୁ
ଯୋଗାଇଥାନ୍ତି ଦାନା
ଚାଷୀର ଅନ୍ନ କବିର ଜ୍ଞାନ
ସୁନ୍ଦର ସେ ଖଜାନା ।

ଚାଷୀ ମୁଁ ହେବି କବି ବି ହେବି
ରହିବି ଚାଷ କାମରେ
କ୍ଷେତରେ ଶସ୍ୟ ଖାତାରେ ଶବ୍ଦ
ଉପୁଜାଇବି ଖୁସିରେ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ଶୀତ ସକାଳ

ସୁନନ୍ଦା ମହାନ୍ତି

ଘାସ ପରେ ଶିଶିର ମୁକ୍ତା ବିନ୍ଦୁରେ
କେତେ ଆଶା ଫୁଲ ଫୁଟି
ନିରାଶାର ରୁଦ୍ଧ ଦ୍ୱାର ମୁକୁଳିତ ଏଠି
ଉମ୍‌ହେଇରେ ଜଳିଯାଉ କଳା ଓ କଳଙ୍କ

ପଦ୍ମ ଉଠେ ଫୁଟି ବାସ ଦିଏ ଛାଟି
ଶୀତ କୁହୁକ ସିନ୍ଦୁକ ସାତତାଳ ମାଟି
ଶୀତ ଆଣିଛି ଗଜରା ଫୁଲ ଗୋଟି
ନବବଧୂ ସ୍ୱପ୍ନ ସୌଧ ସାଉଁଟି

ଆଶାବତି ଜଳେ ଶୀତ ଛାଡେ ସିଟି
ଶୀତରେ ପ୍ରକୃତିର ଦେଖି ପରିପାଟି
ସମୁଦ୍ର ଢେଉରେ ଫେନିଳ ଉଠି
ବାଲିଘର ଧୁଏ କାର ମୁଠେ ଆଲୋକ ଛାଟି

ବେଳା କହେ ଫେରିଯା ତୁ ଜଳୁ ଆଶା ବତୀ
ଆଶାବତୀ ଜାଳି ଶୀତ କୁହୁଡି ମଣ୍ଡି ତୁଟି
ଶୀତ ଗୋଟେ ଫଳ୍ଗୁ ଫୁଲ ପାଖୁଡା ଲୋଟି
ଛିଟା ତାର ଅପରୂପ ସମ୍ଭାର ପାଇଟି

ଖଞ୍ଜି ରଖିଛି ସୃଷ୍ଟି ଶୀତକୁ ସାଉଁଟି
ଉମ୍‌ହେଇ ଓ ଜୁଇର ନିଆଁ ଏକାକାର ସେଠି
ଶୀତ ଭାଷା ଶିଶୁ ପରି ଦରୋଟି ଦରୋଟି
ଫାଟିଛି ଗୋଇଠି ଚାଲି ଥିରି ଝୁଣ୍ଟି ଝୁଣ୍ଟି

ଶୋଇ ଶୀତ ମଲାନଇ ବରଫ ପାଲଟି
କୁହୁଡି କାକର ଶିଶିର ଇସ୍ତାହାର ରଟି
ଶୀତ ସାମ୍ରାଜ୍ୟ ନାଲିପାନବିବି ବୁଲେ
ବରଫ ବାଟି ସଫେଦ ଚାଦର ଛାଟି

ଶୀତ ସଞ୍ଜ ସୁନେଲି ପିଆଲାର ଭାଟି
ଉହୁ ଉହୁ ଶୀତ ଧ୍ୱନି ପ୍ରତିଧ୍ୱନି ବାରବାଟି
ଶୀତ ଏକ ମଜା ସ୍ୱପ୍ନ ଦେଇଥାଏ ଭେଟି
ଶୀତ ସକାଳ ସୁରୁଜ ଫୁଟି ଆଖି ମାରେ ମିଟି

+ସାକ୍ଷୀଗୋପାଳ

## ଗଣତନ୍ତ୍ରରେ ଗଣ

### ରତ୍ନାକର ରାଉତ



କୃଷକ ସହିତ ଅନ୍ୟାୟ ହେଉଛି
ତାର ସମସ୍ୟା ଅଛି
ସେ ପାଟି ଖୋଲୁ
ଶିକ୍ଷକ ସହିତ ଅନ୍ୟାୟ ହେଉଛି
ତାର ସମସ୍ୟା ଅଛି
ସେ ପାଟି ଖୋଲୁ
ଛୋଟ ଦୋକାନଦାରଂକର ସମସ୍ୟା ଅଛି
ସେମାନେ ଚାହିଁଲେ ପାଟି ଖୋଲନ୍ତୁ
ଶିକ୍ଷିତ ଯୁବକମାନେ ବେକାର,
ବେରୋଜଗାର
ତାଂକର ଭବିଷ୍ୟତ ଅନ୍ଧାରରେ
ସେମାନେ ପାଟି ଖୋଲନ୍ତୁ
ଦରଦାମ ବଢୁଛି
ଗରୀବଗୁରୁବା ତ୍ରସ୍ତ
ସେମାନଂକ ସଂସାର ଚଳୁନି
ସେମାନେ ପାଟି ଖୋଲନ୍ତୁ
ଯେଉଁ ମାନଂକର ଅଧିକାର ସଂକୋଚିତ
ଅନୁଭବ କରୁଛନ୍ତି
ସେମାନେ ମୁହଁ ଖୋଲନ୍ତୁ

ଆମର ସେଥିରେ କିଛି ଯାଏ ଆସେ ନାହିଁ
ଆମେ ଧନୀ ଓ ମଧ୍ୟବିତ୍ତ
ଆପାତତଃ ଆମର କୌଣସି ଅସୁବିଧା ନାହିଁ
ଆମେ ସେ ସବୁଥିରେ ବେପରବାୟ, ନିର୍ବିକାର
ସାମାନ୍ୟ କଣ ଅସୁବିଧା ଥିଲେବି ଆମେ
ଚଳେଇନେବୁ
ବର୍ଷା ଯୁଆଡ଼େ ଆମ ଛତା ସିଆଡ଼େ
ଆମେଏଣ୍ଡୁଅ ପରି ରଂଗ
ବଦଳେଇପାରୁ ନିମିଷକେ
ତୁମେ ଯେତେ କୁହାଟ ଛାଡୁଛ ଛାଡ଼
ଜାଣିରଖ, ଆମେ ଜନମତକୁ ବିଭ୍ରାନ୍ତ
କରିବାରେ ଧୁରନ୍ଧର
ତୁମରି ଭିତରୁ ଲୋକେ

ଆସି ଆମର ନାରା ଦିଅନ୍ତି
କିଭଳି ଦିଅନ୍ତି ସେ ମନ୍ତ୍ର ଆମକୁ
ଭଲଭାବେ ଜଣା
ଆମ ଚାରି ଖୁରାକୁ ସଭିଂକର ଡର
ଯେଣୁ ଆମେ ସୁବିଧାଭୋଗୀ
ଆମକୁ କିଏ କରିପାରିବ ହତାଦର
ଯୁଗ ବଦଳୁ, ସମୟ ବଦଳୁ
ଯାହା ଯାହା ବଦଳିବ ବଦଳି ଯାଉ
ମାତ୍ର ଆମେହିଁ ସଦାକାଳେ ଶାସନର
ମଂଗୁଆଳ, କର୍ଣ୍ଣଧାର
ସବୁବେଳେ ଶାସନ କେବଳ ଆମର
ମନେ ରଖିଥାଅ ଜନଗଣ
ଆମ ଉପରେ ଯିଏ ମାଡ଼ କରିବ
ଏପରି ଭାଂଗିଦେବୁ ତା ସରକାର
ତୁମେହିଁ ତାପରେ ତାକୁ କରିବ ଛିଛି,
ଦୂରଦୂର, ମାରମାର
ଏଥିରୁ ଭଲକରି ଜାଣ ଗଣତନ୍ତ୍ରରେ ଗଣ
ଅସଲ ତନ୍ତ୍ର କାହା ହାତରେ
ଆଉ କିଏ କେତେ ପାରିବାର ?

♥ ଭୁବନେଶ୍ୱର

## ତୁମେ ଓ ମୁଁ

### ନୀଳମଣି ଚାନ୍ଦ



ତୁମେ ଅସ୍ପଷ୍ଟ କୁଜ୍ଝଟିକା
ମୁଁ ଆକାଶର ବ୍ୟୋମଯାନ
ଯେଣୁ ପ୍ରତିବନ୍ଧକ ମୋ ପଥେ
ମୁଖମଣ୍ଡଳ ଦିଶେ ମୋ ମ୍ଳାନ।

ମୁଁ ଯେ ଘାସ ଶେଯଟିରେ ମୁକ୍ତା
ତୁମେ ମଧ୍ୟାହ୍ନର ଟାଣ ଖରା
ମୋତେ ବଦଳେଇ ଦେଇଥାଅ
କର ମାଟିକୁ ସିନା ବତୁରା।

ମୁଁ ନଳବଣଟିର ପକ୍ଷୀ
ତୁମେ ନିଅ ଶିକାରୀର ବେଶ

ମୋ'ର ଭୂମିକାଟି ସୂର୍ଯ୍ୟମୁଖୀ
ଦିଅ ଉତ୍ତରା ପବନ କ୍ଳେଶ।

ତୁମେ ଦୁଃଖର ଶୀତ ରାତି
ଗଙ୍ଗଶିଉଳି ହୋଇ ମୁଁ ଥରେ
ଦିଅ ଆଣି ହାଡ଼ ଭଙ୍ଗା ଜାଡ
ପ୍ରଭାତ ହେବା ଆଗୁଁରେ ଝରେ।

ବିୟୋଗାନ୍ତକ ନାଟକ ପରି
ଲୁହ ଭରିଦେବା ବେଶ୍ ଜାଣ
ଜମା ପାରୁନାହିଁ ମୁହିଁ ଜାଣି
ତୁମେ ଶିଳା ପରି କେତେ ଟାଣ।

♥ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ନିଷ୍ପତ୍ତି

### ମୂଳ ହିନ୍ଦୀ- ଡକ୍ଟର ଗୀତାଞ୍ଜଳି ରେଣୁ ଦାଶ

### ଅନୁସୃଜନ- ଦିବାକର ନାୟକ



ସେମାନେ ବର୍ତ୍ତମାନ
ଆମ ପାର୍ଶ୍ୱ ଦେଇ ଅତିକ୍ରମ କରିବେ
ସେମାନଙ୍କୁ ଟିକିଏ ବାଟ ଛାଡି ଦିଅ
କାମ, କ୍ରୋଧ, ମୋହ ଓ ମାୟା
ସେମାନଙ୍କ ସାମାନ୍ୟ ଛାୟା ହିଁ
ପଥଭ୍ରଷ୍ଟ କରି
ନରକଗାମୀ କରିବାକୁ
କ୍ଷଣଟିଏ ବି ଲାଗେ ନାହିଁ !
ତେଣୁ ଟିକିଏ ଶୁଣିନିଅ ମୋ କଥା !

ତୁମେ ନିଜ ନିଷ୍ପାପ ହୃଦୟରେ
ଏତେ ଦାରୁଣ ଯନ୍ତ୍ରଣା ବୋଝ ବୋହି
ଏକାକୀ ଯିବ କେଉଁଆଡେ ?

ନା ତୁମ ପାଇଁ ଚନ୍ଦ୍ରମାର ସ୍ନିଗ୍ଧ ଜ୍ୟୋସ୍ନା ଅଛି
ନା ମୃଦୁ ମଳୟର ସୁଗନ୍ଧ ଅଛି !
ନା ପ୍ରବାହିତ ତଟିନୀରେ ବିହଙ୍ଗମାନଙ୍କର
ମଧୁର କୋଳାହଳ ଅଛି !

ନା ତୁମ ଗନ୍ତବ୍ୟ ପଥରେ
ମୋକ୍ଷର ଠିକଣା ଅଛି ?
ତୁମେ ମନର ଭ୍ରମାତ୍ମକ ଆଶା ନେଇ
ଲକ୍ଷ ବିନା ଅବସ୍ଥାନ କରିବ କେଉଁଠି ?

ଅଟକି ଯାଅ ଏଇଠି

ଟିକିଏ ଅଟକି ଯାଅ
ଟିକିଏ ଶାନ୍ତ ସ୍ଥିର ଚିତ୍ତରେ ଚିନ୍ତା କର
ମୋର ଏହି କଥାରେ କ୍ରୋଧ କର ନାହିଁ

ହେ ମୋର ଜୀବନ ପୁଷ୍ପ
ମୁଁ ବି ଜଣେ ସନାତନୀ ପୁଷ୍ପ ସମ
ଜଣେ ସାଧାରଣ ମଣିଷ ମାତ୍ର
ଯାଅ ନାହିଁ ଚିତ୍ତର ଅସ୍ଥିର ଅଭିଳାଷ ନେଇ
ବିବେକକୁ ପ୍ରତାରଣା କରି

ଚିତ୍ତକୁ ମିଠା ମିଠା ଯନ୍ତ୍ରଣା ଦିଅ ନାହିଁ
ଟିକିଏ ରହିଯାଅ
ହେ ଚାଲିଯାଉଥିବା ଯାତ୍ରୀ
ଏହି ମୋର ଛୋଟ କଥା ମାନ
କ୍ଷଣିକର ସଠିକ୍ ନିର୍ଣ୍ଣୟ ଓ ନିଷ୍ପତ୍ତି
ଜୀବନକୁ ଅମୃତମୟ କରିପାରେ
ଶାଶ୍ୱତ ଆନନ୍ଦ ଦେଇପାରେ

♥ ପାଟପୁର, କନିସି, ଗଞ୍ଜାମ
ମୋ- ୯୯୩୮୬୧୯୯୮୧

## ଶେଷ ଯବନିକା

### ତୃପ୍ତିରାଣୀ ପାତ୍ର



ଅଭାବରେ ଭାବେ ନିତି ମୁଁ ତୁମକୁ
ଶାନ୍ତି ଟିକେ ପାଇବାକୁ
ସଂସାର ବନ୍ଧନେ ହଜାଇ ନିଜକୁ
ନପାଏ ଶରଧାଟିକୁ ।
ଆଶା ଅସୁମାରୀ କୁହୁଡ଼ିରେ ଭିଜି
ଦୁଃଖ ନୈରାଶ୍ୟରେ ରହି
ଅମୃତ ସନ୍ଧାନ ପାଇବାକୁ ଚାହିଁ
ତୁମରି କୃପାରେ ମୁହିଁ ।

ଭାବ କଳ୍ପନାରେ ନିଜକୁ ହଜାଇ
ତୁମ ସତ୍ତା ଅନୁଭବେ
ଅନୁଭବେ ଶାନ୍ତି ତୃପ୍ତି ସାଉଁଟିଛି
ହୃଦ ଆତ୍ମା ଜୟରବେ।
ଅସାର ସଂସାରେ ମିଛ ସ୍ୱପ୍ନ ସ୍ୱାର୍ଥେ
ଅବଚେତନ ନିଦ୍ରାରେ
ହଜିଯାଏ ମରୁ ମରିଚିକା ପଥେ
ସତ୍ୟ ବାସ୍ତବ ସ୍ମୃତିରେ ।

ଅବର୍ଣ୍ଣନୀୟ ସେ ପ୍ରୀତି ମୂହୁର୍ତ୍ତରେ
ସୁମରେ ଅନ୍ତଃ ଆତ୍ମାରେ
ଜଳି ଲିଭିଯାଏ ମାନସ ପଟରେ
ଶୁଭେ ପ୍ରତିଧ୍ୱନି ସୁରେ ।
ଦୁଃଖ ନୈରାଶ୍ୟ ନିଷ୍ଠୁର ଭାବରେ
ଯେବେ ନିଷ୍ପେସିତ କରେ
ଅକୁହା ମନର ଦହନ ଜ୍ୱାଳାରେ
ବଞ୍ଚିରହି ସଦା ମରେ ।

ଶେଷ ଯବନିକା ଟାଣି ଦେଲାପରେ
ଲଭିବି ମୁକତି ଭଲେ
ଶାନ୍ତି ତୃପ୍ତି ପ୍ରୀତି ଶରୀର ଆତ୍ମାରେ
ମନପକ୍ଷୀ ଉଡ଼ିଗଲେ ।

♥ ସହଦେବଖୁଣ୍ଟା, ବାଲେଶ୍ୱର

## ପ୍ରତୀକ୍ଷିତ ପ୍ରେୟସୀ

### ମାନସ ରଞ୍ଜନ ନାୟକ



ତୁମେ ଫେରିବାର ମଧୁ ବସନ୍ତ କରେ
ପ୍ରାଣକୁ ପୁଲକିତ
ଆବେଗର ବନ୍ୟା ଏବେ ବନ୍ଧ ବାଡ
ଭାଙ୍ଗିବାରେ ବିଚଳିତ
ତୁମ ଅଭାବପଣେ ଜୀବନେ ଦିକି ଦିକି
ହୋଇ ଜଳୁଥିଲି
ଜିଉଥିଲି ସିନା, ଜୀବନର
ଆଶ୍ଳେଷ ଟିକକ ଭୁଲୁଥିଲି।

ଦାମ୍ପତ୍ୟ ଦୁଆଡେ ଦିନେ ସହଭାଗୀତାର
ସ୍ୟାହି ଭରୁଥିଲେ
ଦୁଇହଳ ଆଖିରେ ପରିପୂରକତା'ର ପାଠ
ପଢୁଥିଲେ
ସ୍ୱୟଂପୁଷ୍ଟ ହେବାକୁ ହିଁ ନିତି ମୋତେ
ଦେଉଥିଲ ପ୍ରବର୍ତ୍ତନା
ନବୁଝି ହୁଁ ମାରୁଥିଲି,
ବିରହକୁ କିବା କିଏ କରିବ କାମନା ?

ଏକାକୀତ୍ୱକୁ ସ୍ୱାଧୀନତାର
ଆକାଂକ୍ଷିତ ମନ୍ତ୍ର ବୁଝୁଥିଲି

ତୁମ ଅନୁପସ୍ଥିତିରେ ଅଯୁତ ଉନ୍ମାଦକୁ ବି
ପାଛୋଟିଲି
ନଥିଲା କେଉଁଠି ନିରୁତା ଆତ୍ମୀୟତାର
ଆଭାଷ ଟିକିଏ
ବିଜ୍ଞାନ ବିଜ୍ଞତାରେ ବିଜ୍ଞାପିତ ଏଠି,
ଆହାଃରୁ ଉହୁଃ ଟିଏ।

ପ୍ରେମ ବେଉଷଣେ ପ୍ରାପ୍ତି ଅମଳର ଲାଗିଛି
ପ୍ରତିଦ୍ୱନ୍ଦିତା
ତ୍ୟାଗ ତିତିକ୍ଷାରେ ସମର୍ପିତା
ପ୍ରେୟସୀ ହୁଏ ଉପେକ୍ଷିତା !

♥ ମଞ୍ଜୁରୀ ରୋଡ୍, ଭଦ୍ରକ-୭୫୬୧୨୧
ମୋ: ୯୮୯୦୮୫୧୪୨୭

## ପାଦେ ପାଦେ ତୁମେ !

### ପ୍ରଦୋଷ କୁମାର ଦାସ



ଛାଇ ପରି ଲାଗିଛ ସ୍ୱଲିତ ତୁମେ ମୋର
ପ୍ରୀତି ଜାଗେ ତୁମ ପ୍ରତି ମୋର।
ଜୀବନ ଲାଗେ ଏକାକାର
ପାଶେ ଥିଲେ ଉପସ୍ଥିତି ତୁମର।
ଆଲିପାଲି ମୋପରି ଆଚାର ତୁମର
ଚାଲିଚଳନେ ଲାଗ ଏକାନ୍ତ ନିଜର।
ତୁମକୁ ସଶରୀରେ
ଛୁଇଁବା ମୋ ପାଇଁ ସୁଦୂର ପରାହତ !
ତେବେବି ପାଦେ ପାଦେ ତୁମେ
ସଦା କାଳେ ଥାଅ ଉପସ୍ଥିତ।
କେବେ ଥକି ପଡୁନ କେମିତି
ମୋ ସହ ଚାଲୁଛ ଯେ ଚାଲୁଛ !
ଅନ୍ଧାରରେ ପୁଣି ଲୁଚକାଳି ଖେଳୁଛ !
ପୁଣି ସହସା ଦେଖା ବି ଦେଉଛ
ଆଲୋକକୁ ସାକ୍ଷୀ କରି
ପ୍ରତିଭାତ ହେଉଛ।
ମୋ ସହ ତୁମେ ହିଲ୍ଲୋଳିତ
ସଖି ପରି ରହିଛ ପ୍ରତୀତ।
ହୃଦୟ ମୋ ତୁମ ପାଇଁ ଦ୍ରବିଭୂତ

ଅସୀମ ସାନ୍ନିଧ୍ୟରେ ତୃପ୍ତ।
ନିରେଖିଲେ ପାଏ ତୁମ ସହକାର ।
ଯେଣୁ ମୋ ହୃଦୟ ପଠାରେ ପାଏ
ସାନ୍ନିଧ ତୁମର।
ତୁମେ ଥିଲେବି ନିରବ ନିର୍ବିକାର
ପରାପୃର।
ପାଦେ ପାଦେ ତୁମେ ଏମିତି ଚାଲୁଥାଅ
ପାଦକୁ ପାଦ ମିଳାଇ ମୋର।
ଯେଣୁ ତୁମ ବିନା ମୁଁ ନାଚାର
ଜୀବନ ଜୀବନମୟ ହୁଏ
ଥିଲେ ତୁମେ, ସହଯାତ୍ରୀ ମୋର ।

♥ ସ୍ତମ୍ଭକାର,ସା/ପୋ:- ନାଚୁଣୀ,
ଜିଲ୍ଲା:- ଖୋର୍ଦ୍ଧା, ପିନ୍ :- ୭୫୨୦୩୪
ମୋ: ୬୩୭୦୪୯୫୯୪୪

## ମନ

### ସୁଧାଂଶୁ ଦ୍ୱିବେଦୀ



ମନ,
ଚଞ୍ଚଳ,ଶୃଙ୍ଖଳହୀନ
ନୀଳ ଆକାଶ ପରି
ଆବେଗ ଥାଏ
ସମ୍ବେଦନା ଥାଏ
ସଦୈବ ଗତିମାନ।

ମନ,
ଗୋଟେ ସ୍ଥାନରୁ
ଅନ୍ୟ ସ୍ଥାନକୁ ଡିଆଁମାରେ
ଉନ୍ମୁକ୍ତ,ଅବିରଳ
ଅଭିମାନ ବିହୀନ
ସ୍ୱାଭିମାନ।

ମନ,
କ୍ଷଣକରେ ଯତ୍ର
କ୍ଷଣକରେ ତତ୍ର
ପ୍ରକାଶଠାରୁ ଗତିମାନ।

ମନ,
ପ୍ରତିକ୍ଷଣ ବଦଳିଯାଏ
ଅନ୍ତରାଳେ
ଅକଳ୍ପିତ କଳ୍ପନାରେ
କେବେ ଏଠି,କେବେ ସେଠି
କେବେ ଶୂନଶାନ।

ମନ,
ଯିଏ ସଂଜମିତ
କରିପାରିଛି ତାକୁ
ତା' ଜୀବନ ହୋଇଛି
ଧନ୍ୟ।

♥ ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

## ଏତିକିରେ ଇତି

### ଝରଣା ବାରିକ



ତୁମ ସାଥେ ପ୍ରେମ କରିବା ଆଗରୁ
ତୁମ ତ ବଦଳି ଗଲ,
ଚିଠିରେ ଠିକଣା ଲେଖିବା ଆଗରୁ
ଠିକଣା ହଜେଇ ଦେଲ।

ହାତ ଲେଖା ଚିଠି ଦେଇଥିଲ ଖଣ୍ଡେ
ଏବେବି ପାଖରେ ଅଛି,
ତୁମ ମନ କଥା ଲେଖି ଦେଇଥିଲ
ଭାବି ମୁଁ ନଥିଲି କିଛି।

ଭାବି ବା ମୋହର ଡେରି ହୋଇଗଲା
ତୁମେ ହୋଇଗଲ ଦୂର,
ଆଉ କା ସିନ୍ଦୂର ମଥାରେ ଭରିଲ
କରିଦେଇ ମୋତେ ପର।

ଅଧା ରହିଗଲା ମୋ ପ୍ରେମ କାହାଣୀ

ପୂର୍ଣ୍ଣ ଛେଦ ଦେଲ ଟାଣି,
ସୁଖର ସପନ ଚୋରି କରିନେଇ
ଦୁଃଖ ସବୁ ଦେଲ ଜାଣି।

ଅପେକ୍ଷାରେ ତୁମ ଦିନ କଟିଯାଏ
ଭାବନାରେ କଟେ ରାତି,
ସପନରେ ଆସି ଥରେ ଦେଖିଯାଅ
ଏତିକି ରେ ଲେଖେ ଇତି।

♥ ସମଲ, ତାଳଚେର ଅନୁଗୋଳ
ମୋ:୯୫୫୬୮୪୬୯୩୨

## ମୋ ବୋଉ

### ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ

ମୋ ଜୀବନ ପୁସ୍ତକେ ପ୍ରମୁଖ ଅଧ୍ୟାୟ
ଅଟଇ ମୋହରି ବୋଉ,
ବାତ୍ସଲ୍ୟ ମୟୀ ସେ ମମତା ର ସିନ୍ଧୁ
ତା ସରି କେ ନାହିଁ ଆଉ।

ସ୍ନେହ କରୁଣା ର ନିର୍ଝରଣୀ ଟିଏ
ଅତୁଳନୀୟ ତା ପ୍ରେମ,
ଲାଘବ ହୁଅଇ ସର୍ବ ଦୁଃଖ କ୍ଳେଶ
ଧରିଦେଲେ ତାର ନାମ।

ଅସୀମ ଜ୍ଞାନ ର ଅଧିକାରିଣୀ ସେ
ଅଟେ ମୋ ପ୍ରଥମ ଗୁରୁ,
ଓଷା ଉପବାସ କରି ସେ ମୋ ପାଇଁ
ରକ୍ଷା କରେ ବିପଦରୁ।

ତାର ବାଣୀ ଅଟେ ଗୀତା ଭଗବତ
ଦିଏ ମୋତେ ମହା ଶିକ୍ଷା,
ଜିତିବାକୁ ମୋତେ କରେ ଉତ୍ସାହିତ
ଦେଇଣ ଆଶା ଆକାଂକ୍ଷା।

ତା ହାତ ରୋଷେଇ ଅମୃତ ସମାନ
ଲାଗଇ ମହା ସ୍ୱାଦିଷ୍ଟ,
ପୂର୍ଣ୍ଣ ଭାବେ ମୁହିଁ କରଇ ଭୋଜନ
କରେ ନାହିଁ କିଛି ନଷ୍ଟ।

ହସରୁ ତାହାର ଝରଇ ମୁକୁତା
ମନୋହର ତା ଶ୍ରୀମୁଖ,
ଅସହ୍ୟ ଗ୍ରୀଷ୍ମେ ସେ ଶୀତଳ ଚନ୍ଦନ
ମିଳେ ମୋତେ ସଦା ସୁଖ।

ମୋ ବୋଉ ଅଟଇ ସରଗଠୁ ବଡ଼
କୋଳ ତାର ବଇକୁଣ୍ଠ,
ପଣତ କାନି ତା ଶ୍ରୀମନ୍ଦିର ନେତ
ଜଗତେ ସେ ସର୍ବଶ୍ରେଷ୍ଠ।

♥ ଲଛମାକଣ, ଜାନକାଦେଇପୁର,
ଏରସମା, ଜଗତସିଂହପୁର
ମୋ: ୮୧୧୪୩୦୬୨୦୪

## ନ ହେଉ ଯୁଦ୍ଧ

### ସସ୍ମିତା ଚୌଧୁରୀ

କି ସୁନ୍ଦର ଏଇ ପୃଥ୍ୱୀ ବୁକୁରେ ଜନ୍ମ
ଲଭିଲେଟି ଯେବେ
ସାଥିରେ ନଥିଲା ଈର୍ଷା, ଦ୍ୱେଷ ବା ହିଂସ୍ର
ଭାବନାରୁ ଲବେ
ନିଷ୍କପଟ ସେଇ ଶୈଶବ କାଳ ଯେବେ
ହେଲା ଅତିକ୍ରାନ୍ତ
ଲୋଭ ଓ ପରଶ୍ରୀକାତରତା ସାଥେ ସ୍ୱାର୍ଥ
ହୋଇଲା ଯୁକ୍ତ।

ବିସ୍ମୃତ ହେଲା ମଣିଷ ଆପଣା
ମାନବିକ ଗୁଣାବଳୀ
କ୍ଷମତା ପିପାସା ମୋଚନରେ ସେ
ଦାନବକୁ ଗଲା ବଳି
ଉତ୍ପନ୍ନ ହେଲା ଯୁଦ୍ଧ ବିଭୀଷିକା ଶାନ୍ତ
ଧରଣୀର ବୁକେ

ନରମେଧ ଯଜ୍ଞେ ଆହୁତି ଲଭିଲେ
ନିଷ୍ପାପ ନିଃସ୍ୱ ଲୋକେ।

ଉଦ୍ଭ୍ରାନ୍ତ ଜନ କିବା ଘେନିଯିବ ମର ଏ
ମର୍ତ୍ତ୍ୟପୁରୁ
ରିକ୍ତ ହସ୍ତରେ ଫେରିବା ସଭିଏଁ
ଆୟୁ ବଳ ସରୁ ସରୁ
ଅମୃତମୟ ସନ୍ତାନ ଆମେରେ
ବିଶ୍ୱ ହିତେ କରି ଚିନ୍ତା
ବ୍ୟାପୃତ ନୋହି ହିଂସାର ସମରେ ଆସ
ଦେବା ଶାନ୍ତି ବାର୍ତ୍ତା।

ନ ଶୁଭୁ କେଉଁଠି ଯୁଦ୍ଧ ଦୁନ୍ଦୁଭି ଅବା
କ୍ରନ୍ଦନ ରୋଳ
ଧରାଶାୟୀ ହେଉ ବୃଥା ଅହମିକା ରକ୍ତ
ପିପାସା ଖେଳ।

♥ ଭୁବନେଶ୍ୱର
ମୋ-୭୯୭୮୩୮୦୩୨୧

## ମିଛେ ବଖାଣୁ ଆମେ ଓଡ଼ିଆ

### ଶିବ ପ୍ରସାଦ ବାହିନୀପତି

ମୁଁ ଓଡ଼ିଶା ମାଟିର ସନ୍ତାନ
ଖାଣ୍ଟି ଓଡ଼ିଆ ପୁଅଟିଏ ମୁଁ
ମୋ' ସଂସ୍କୃତି ଓ ମୋ' ପରମ୍ପରା
ମୋ' ପାଇଁ ବଡ଼ ମୋ' ସ୍ୱାଭିମାନ ।
ମୁଁ ସମ୍ମାନ ଦିଏ ଓଡ଼ିଆଙ୍କୁ
ସମ୍ମାନ ଦିଏ ମୋ' ସଂସ୍କୃତିକୁ
ଯଥୋଚିତ ସମ୍ମାନ କରେ
ମୋ' ଓଡ଼ିଆ ଜାତିର ପରମ୍ପରାକୁ ।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ
ସମସ୍ତେ ଏକ୍ର ମନ୍ତ୍ର ଗାନ କରେ
ଓଡ଼ିଆ ଦେବାଦେବୀଙ୍କୁ ଭକ୍ତି କରେ
ସାମାଜିକ ସଂସ୍କାର ବଜାୟ ରଖେ ।
ହେଲେ ଏ କ'ଣ ଦେଖୁଛି ଆଜି !
ସଂସ୍କୃତି ଓ ପରମ୍ପରାର ବିଲୋପ !
ଓଡ଼ିଶା ମାଟିରେ ଓଡ଼ିଆ ସଂସ୍କାର
ଓଡ଼ିଆଙ୍କ ହାତେ କଳୁଷିତ ଆଜି !

ଅଶ୍ଳୀଳତାରେ ପରିପୂର୍ଣ୍ଣ ସମାଜ

ଜାତିଆଣ ଭେଦଭାବ ଏବଂ
ଅସ୍ପୃଶ୍ୟ ଅସ୍ପୃଶ୍ୟ ସମ୍ବୋଧନ !
ଦେବାଦେବୀ ବି ଉପହାସର ପାତ୍ର !
ଅନ୍ୟାୟ ଅସତ୍ୟ ଅଧର୍ମ ପାଖରେ
ଆଜି ମୋ' ସଂସ୍କୃତି ବଳି ଭୋଜ୍ୟ ;
ସମସ୍ତ ଦ୍ରଷ୍ଟା ସ୍ରଷ୍ଟା ନିରବ
କହିବାର ଯୁ ନାହିଁ କାହାର ।
ସେବକ ନିରବ ପୂଜକ ନିରବ
ନିରବ ବିଜ୍ଞାନୀ ଆଧ୍ୟାତ୍ମିକବାଦୀ
ନିରବ ରକ୍ଷକ ଓ ସମାଲୋଚକ
ନିରବ ବଦାନ୍ୟ ବିଦ୍ୱାନ ମଣ୍ଡଳୀ ।

ରକ୍ଷକ ହୋଇ ବି ଭକ୍ଷକ ସାଜନ୍ତି
ଜାଣି ସ୍ୱାଭିମାନ ବିନାଶ କରନ୍ତି
ବାଡ଼ ଯଦି କେବେ ଫସଲକୁ ଖାଏ
କାହାକୁ ବା ଏଠି ଦୋଷ ଦେବ କିଏ ?
ଲାଜ ନାହିଁ ଯାହା ଆମରି ମୁହଁକୁ
ସ୍ୱାଭିମାନୀ ଯାହା ଲୋକ ଦେଖାଣିଆ
ସଂସ୍କାର ସଂସ୍କୃତି ଗଲାଣି ଚୁଲ୍ଲୀକୁ
ମିଛେ ବଖାଣୁ ସିନା ଆମେ ଓଡ଼ିଆ ।

♥ ମୁଖ୍ୟ ସମ୍ପାଦକ - ସୁଦେଷ୍ଣା ପ୍ରମୋଦ
ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
ମୋ: ୮୨୪୯୭୭୨୩୬୧

# ରିଜର୍ଭ ଜଙ୍ଗଲରେ ସରକାରୀ ପଞ୍ଜୀକରଣଭୂକ୍ତ ଟ୍ରକ୍ ଆଣ୍ଡ ଟିପର ଓନର ଆସୋସିଏସନ୍ କାର୍ଯ୍ୟାଳୟ: ବିଭାଗର ଉତ୍ତର ନାହିଁ

ହରିଚନ୍ଦନପୁର, ୧୧/୧୨ (ନି.ପ୍ର): କାହା ନିର୍ଦ୍ଦେଶରେ ରିଜର୍ଭ ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ସରକାରୀ ପଞ୍ଜିକରଣଭୂକ୍ତ ମା ତାରିଣୀ ଟ୍ରକ୍ ଆଣ୍ଡ ଟିପର ଓନର ଆସୋସିଏସନ୍ ଗୃହ ନିର୍ମାଣ କରି କାର୍ଯ୍ୟାଳୟ ଚଲାଇ ଆସୁଛି, ତାହାକୁ ନେଇ ଜନସାଧାରଣ ଉଠିଛି ବଡ଼ ପ୍ରଶ୍ନ । ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ରେଞ୍ଜ ବ୍ରାହ୍ମଣୀପାଳ ବନପାଳ ଅଧିନରେ ଦେଖିବାକୁ ମିଳିଛି । ସରକାରୀ ପଞ୍ଜିକରଣ ମୁତାବକ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ ହେବ ଏହି ଆସୋସିଏସନ୍ ରିଜର୍ଭ ଜଙ୍ଗଲ ଭୂକ୍ତ ଜମିରେ ବେଆଇନ ଗୃହ ନିର୍ମାଣ କରି ମନମୁଖୀ ଭାବେ କାର୍ଯ୍ୟାଳୟ ଚଲାଇ ଆସୁଛନ୍ତି । ମୁଖ୍ୟ କଥା ଏଠାରେ ଦୀର୍ଘ ବର୍ଷ ହେବ ଜଙ୍ଗଲ ଜମିରେ ଗୃହ ନିର୍ମାଣ ହୋଇଥିଲେ ମଧ ନିକଟରେ ଥିବା ବନପାଳ ଓ ବନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ହେଲାନାହିଁ କ'ଣ ପାଇଁ ତାହା ବୁଦ୍ଧିଜୀବିଙ୍କୁ ଅଡୁଆରେ ପକାଉଛି । ଏନେଇ ଦୀର୍ଘଦିନ ହେଲା ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବନ ବିଭାଗ ଦୃଷ୍ଟି ଦେଇ କାର୍ଯ୍ୟାଳୟ ଅନ୍ୟତ୍ର ଉଠାଇବା ପାଇଁ ଥରେ ନୁହେଁ ୨ ଦୁଇ ଥର ନୋଟିସ ଦେବା ସତ୍ୱେ ବର୍ତମାନ ମଧ କାର୍ଯ୍ୟାଳୟ ଚାଲିଛି । ବନ ବିଭାଗର ସୂଚନା ଅନୁଯାୟୀ, ଲୋକଙ୍କ ଅଭିଯୋଗକୁ ନେଇ ୧୫ ଦିନ ମଧ୍ୟରେ ସେଠାରୁ କାର୍ଯ୍ୟାଳୟ ନିଜ ପଞ୍ଜିକୃତ ଜମିକୁ ଉଠାଇ ନେବା ପାଇଁ ବିଭାଗ ପକ୍ଷରୁ ଚଳିତବର୍ଷ ୧୨/୧୧ ରିଖ ନୋଟିସ ନଂ ୧୩୫୫ ଜାରି ହୋଇଥିଲା । ହେଲେ ବନବିଭାଗ ନୋଟିସକୁ ଅବମାନନା କରି ଚାପି ହୋଇ ବସିଥିବା ବେଳେ ପୁଣି ପୁନର୍ବାର ୦୭/୧୨ ରିଖ ୨ୟ ଥର ୧୫ ଦିନ ମଧ୍ୟରେ ଜଙ୍ଗଲ ଜମିକୁ ଫାଙ୍କା କରିବା ପାଇଁ ନୋଟିସ ନଂ ୧୪୧୪ ଜାରି ହୋଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ଯେ, ରିଜର୍ଭ ଜଙ୍ଗଲ ଭୂକ୍ତ ଜମିରେ ଏମିତି ବେଆଇନ ଭାବେ ଚାଲିଥିବା କାର୍ଯ୍ୟାଳୟକୁ କିଭଳି ଭାବେ ସରକାରୀ ପଞ୍ଜିକରଣ ଭୂକ୍ତ କରାଗଲା । କାହା ଚାପରେ ନା ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଆଖି ଥାଉଁ ଥାଉଁ ସବୁ କାଗଜପତ୍ର ଭୁଲ୍ ହୋଇଗଲା । ଯେଉଁ ଜମିପଟ୍ଟା ଦେଇ ସରକାରୀ ପଞ୍ଜିକରଣ କରାଯାଇଛି ସେହି ଜମିପଟ୍ଟାରେ ଶିବଶକ୍ତି ଏଣ୍ଟର ପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ଼ ନାମକ ଏକ କାରଖାନା ରେଜିଷ୍ଟ୍ରେସନ୍ ହୋଇଥିଲା । ଯାହାକି ଦୀର୍ଘ ବର୍ଷ ହେବ ବନ୍ଦ ହୋଇ ଅଚଳ ଅବସ୍ଥାରେ ପଡ଼ିଛି, ତେବେ ଗୋଟିଏ ପଟ୍ଟାଭୂକ୍ତ ଜମିରେ କେମିତି ଦୁଇ ଦୁଇଟି ରେଜିଷ୍ଟ୍ରେସନ୍ ହୋଇପାରିଲା । ଯଦିଓ ହେଲା ତେବେ ସେଠାରେ କାର୍ଯ୍ୟାଳୟ ନଚଲାଇ ବେଆଇନ ଭାବେ ଜଙ୍ଗଲ ଜମିକୁ ନିଜ ଅକ୍ତିଆରକୁ ଆଣି ଜଙ୍ଗଲ ଆଇନକୁ ଖୋଲା ଖୋଲି ଉଲଂଘନ କରି କାର୍ଯ୍ୟାଳୟ ଚଲାଇଲେ । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହି ଜମିପଟ୍ଟା ଉପରେ ଆସୋସିଏସନ୍ ପଞ୍ଜିକରଣ ପାଇଁ ତଦନ୍ତକାରୀ ଅଧିକାରୀ କେମିତି ଅନୁମତି ଦେଲେ ? ସତରେ କ''ଣ ତଦନ୍ତକାରୀ ଅଧିକାରୀ ସଠିକ୍ ଜାଗାକୁ ଆସି ସରଜମିନ ତଦନ୍ତ କରି ରିପୋର୍ଟ ଦେଇଥିଲେ ନା ଅଫିସରେ ବସି ମୋଟା ଅଙ୍କର ହାତଗୁଞ୍ଜା ନେଇ ଗାରେଇ ଦେଲେ । ତେଣୁ ଏ ଅଂଚଳର ବୁଦ୍ଧିଜିବୀ ଓ ଜନସାଧାରଣଙ୍କ ନିବେଦନ ଯେ, ଘଟଣାର ସଠିକ୍ ତଦନ୍ତ ହେଉ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏଣେ ବନ ବିଭାଗର ଚେଙ୍କରେ ତରବରିଆ ହୋଇ ଜଙ୍ଗଲ ଜମି ଛାଡ଼ି ଜନଗହଳିପୂର୍ଣ୍ଣ ସାପ୍ତାହିକ ହାଟକୁ ଲଗାଇ ନୂତନ ଆଜବେଷ୍ଟସ ଗୃହ ନିର୍ମାଣ କରି କାର୍ଯ୍ୟାଳୟ ଚଲାଇବାକୁ ବସିଛନ୍ତି । ଗାଁର ଶେଷ ମୁଣ୍ଡ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ଆସୋସିଏସନ୍ କାର୍ଯ୍ୟାଳୟ ନିମନ୍ତେ ଆବଶ୍ୟକତା ଥିବା ଅନୁସାରେ କୌଣସି ସୁବିଧା ସୁଯୋଗ ନଥିବା ସତ୍ୱେ କିଭଳି ପୁଣି ବେଆଇନ ଭାବେ କାର୍ଯ୍ୟାଳୟ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ କାଗଜ ପତ୍ରର ସଠିକ୍ ଯାଂଚ୍ କରାଯାଇ ଉଚିତ୍ ସ୍ଥାନ ଦେଖାଇବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି ।

# ଆଇନ ମହାବିଦ୍ୟାଳୟରେ ଖାଉଟି ଅଧିକାର ଓ ଦାୟିତ୍ୱ ସଂପର୍କରେ କର୍ମଶାଳା

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଯଶସ୍ୱୀ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ୰ ଭାଗବତ ପ୍ରସାଦ ମହାନ୍ତିଙ୍କ ଚତୁର୍ଥ ବାର୍ଷିକ ତିରୋଧାନ ଦିବସ ଉପଲକ୍ଷେ ମହା ବିଦ୍ୟାଳୟ ପକ୍ଷରୁ ଖାଉଟୀ ଅଧିକାର ଓ ଦାୟିତ୍ୱ ସଂପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଇନ ମହାବିଦ୍ୟାଳୟର ପରିଚାଳନା ପରିଷଦ ସଭାପତି ସୁଜିତ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଖାଉଟୀ ଅଧିକାର ସଂଗଠନର ରାଜ୍ୟ ସଭାପତି ଇଂ ବିକ୍ରମ କେଶରୀ ରାଉତରାୟ ମୁଖ୍ୟ ଅତିଥି ଓ ଜିଲ୍ଲା ଖାଉଟୀ ଅଦାଲତ ସଭାପତି ପ୍ରଭାତ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଖାଉଟୀ ହୋଇଥିବାବେଳେ ସେମାନେ ନିଜର ଅଧିକାର ଓ କର୍ତବ୍ୟ ସଂପର୍କରେ ସଚେତନ ରହିବା ନିତ୍ୟାନ୍ତ ଜରୁରୀ, ଏପରିକି ବ୍ୟକ୍ତିର ମୃତ୍ୟୁପରେ ମଧ ତାର ଖାଉଟୀ ଅଧିକାର ରହିଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଆମେ ଅର୍ଥ ଦେଇ କିଣୁଥିବା ସାମଗ୍ରୀ ଓ ପାଉଥିବା ସେବା ବିଷୟରେ ଜାଣିବା ଅତ୍ୟନ୍ତ ଆବଶ୍ୟକ । ଶୋଷଣ ଓ ଠକେଇରୁ ସୁରକ୍ଷା ପାଇବାକୁ ହେଲେ ଆମକୁ ଉପଯୁକ୍ତ ଭାବେ ସତର୍କ ଓ ସଚେତନ ରହିବା ନିତ୍ୟାନ୍ତ ଜରୁରୀ । ଆମ ଦେଶରେ ୧୯୮୬ ମସିହା ଠାରୁ ଖାଉଟୀ ସୁରକ୍ଷା ଆଇନ ଲାଗୁ ହୋଇଥିବା ବେଳେ ଜିଲ୍ଲା ସ୍ତରରେ ୫୦ ଲକ୍ଷ ଓ ରାଜ୍ୟ ସ୍ତରରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଖାଉଟୀ ବିବାଦର ସମାଧାନ ହୋଇପାରିଛି । ଏଥିପାଇଁ ବ୍ୟାପକ ସଚେତନତା ଉପରେ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ । ଆଇନ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରବୀନ୍ଦ୍ର କୁମାର ବଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା "କନଭର୍ଜେନ୍ସ" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ପ୍ରତିଷ୍ଠାତା ୰ ଭାଗବତ ପ୍ରସାଦ ମହାନ୍ତିଙ୍କ ଜନସେବା, ନୂତନ ଅନୁଷ୍ଠାନ ଗଠନ ଆଦି ଲୋକ ହିତକର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କର୍ମଶାଳାରେ ପ୍ରଦିପ ସାମଲ, ଜୟନ୍ତ ପରିଡା, ସୁଜିତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ବହୁ ଅଧାପକ/ଅଧାପିକା, ଆଇନଜୀବି, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନେ ଅଂଶ ଗ୍ରହଣ କରିଥିଲେ । ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଡ଼ଃ ଚିରଂଜୀବି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବାବେଳେ ଅଧାପକ କଳିଙ୍ଗ କେଶରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ତପୋବନ ଆଦର୍ଶ ବିଦ୍ୟାଳୟ ଓ ଶ୍ରୀ ଜଗନ୍ନାଥ ଶିଶୁ ବିହାରର ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ପୁରୀ, ୧୧/୧୨ (ନି.ପ୍ର): ତପୋବନ ଆଦର୍ଶ ବିଦ୍ୟାଳୟ ଓ ଶ୍ରୀ ଜଗନ୍ନାଥ ଶିଶୁ ବିହାରର ମିଳିତ ବାର୍ଷିକ କ୍ରିଡା ପ୍ରତିଯୋଗିତା ବିଶ୍ୱମ୍ଭର ବିଦ୍ୟାପୀଠ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଶ୍ରୀମନ୍ଦିର ଯୁବ ସେବାୟତ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ନାରାୟଣ ତିଆଡିଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁରଜ ମଲ୍ ସାହା ମହାବିଦ୍ୟାଳୟ ର କ୍ରୀଡା ଶିକ୍ଷକ ହରିହର କର ଯୋଗ ଦେଇଥିଲେ। ଦୁଇଟି ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ ସଭାରେ ସଭାପତିତ୍ୱ କରିଥିଲେ। ତପୋବନ ଆଦର୍ଶ ବିଦ୍ୟାଳୟ ର ଅଧକ୍ଷା ଅନ୍ନପୂର୍ଣ୍ଣା ପାଣି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।ଶ୍ରୀ ଜଗନ୍ନାଥ ଶିଶୁ ବିହାରର ଅଧକ୍ଷା ସଂଯୁକ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀ ମାନେ ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଡକ୍ଟର ଆଚାର୍ଯ୍ୟ କହିଥିଲେ। ଉଦଘାଟନ ସମାରୋହକୁ ସମ୍ବୋଧନ କରି ତିଆଡି କହିଲେ, ଭବିଷ୍ୟତରେ ଏହି ପିଲା ମାନେ ରାଜ୍ୟ ତଥା ଦେଶ ର ଟେକ ରଖିବେ। ଆଜିର କୁନି ପ୍ରତିଯୋଗୀ, ଆସନ୍ତାକାଲି ଦେଶର ଗର୍ବ ହେବ। ପୁରୀ ସହରର ସୁନାମ ଏମାନଙ୍କ ହାତରେ ରହିଛି । ଆମ ରାଜ୍ୟରୁ ଅନେକ କ୍ରୀଡାବିତ୍ ଦେଶ ତଥା ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଅଧାପକ ହରିହର କର ପିଲାମାନଙ୍କୁ ଯୋଗ୍ୟ କରିବାକୁ ହେଲେ ପିତା ମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନଙ୍କୁ ଘର ଓ ବାହାରେ ସମସ୍ତ ଉଦ୍ୟମ କରିବା ପାଇଁ ସେ କହିଥିଲେ। ଏହାପରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପିଲା ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମକୁ ଦିନମଣି ବଳ, ପ୍ରକାଶ ଚନ୍ଦ୍ର ଦାସ, ପ୍ରଭାତୀ ମିସ,ଜ୍ୟୋତିମିସ, ସୌଭାଗିନି ମିସ, ପ୍ରତିମା ମିସ, ଲକ୍ଷ୍ମୀଧର ବାରିକ, ସୁଜାତା ମିସ, ଲକ୍ଷ୍ମୀ ମାଉସୀ, ରେବତୀ ମାଉସୀ, ଶଶି ମାଉସୀ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯୋଗ ଦେଇ ସଫଳ କରିଥିଲେ।

# ଆନ୍ଧ୍ର ପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ୪୦ତମ ବାର୍ଷିକ ଉତ୍ସବ ଏବଂ ପ୍ରତିଭା ସମ୍ବର୍ଦ୍ଧନା ସଭା

ସୋମପେଣ୍ଠ, ୧୧/୧୨ (ନି.ପ୍ର): ଓଡ଼ିଶା ଆନ୍ଧ୍ର ଉପାନ୍ତ ଅଂଚଳରେ ଓଡ଼ିଆ ଭାଷାକୁ ବଂଚାଇ ରଖିବା ସହ ଆମ ସାହିତ୍ୟ ସଂସ୍କୃତିକୁ ପାଇଁ ଦୀର୍ଘ ବର୍ଷ ଧରି ପ୍ରୟାସ ଜାରି ରଖିଥିବାରୁ ଶିକ୍ଷକ ସଂଘ ଧନ୍ୟବାଦର ପାତ୍ର ବୋଲି ମଂଚାସିନ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ସରକାରୀ କନିଷ୍ଠ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ଭବ୍ୟ ବିଶାଳ ସମାବେଶରେ ଶିକ୍ଷକ ସଂଘ ସଭାପତି ବିଶ୍ୱନାଥ ବରାଡ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଶ୍ରୀକାକୁଲମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ପିରିଆ ବିଜୟା ସାଇରାଜ, ସମ୍ମାନିତ ଅତିଥି ଭାବରେ ଏମ୍. ଏଲ୍.ସି ନାର୍ତୁ ରାମାରାଓ, ବିଧାୟକ ବେନ୍ଦାଲମ୍ ଡ.ଅଶୋକ ବାବୁ, ସୋମପେଣ୍ଠ ମଣ୍ଡଳ ଅଧ୍ୟକ୍ଷ ଏନ୍ ଦାସୁ, ସୋମପେଣ୍ଠ ସରପଂଚ ଶ୍ରୀମତୀ ଏନ୍. ପ୍ରଭାପତି ଏବଂ ସ୍ୱତନ୍ତ୍ର ବିଶେଷ ଅତିଥି ଶ୍ରୀକାକୁଲମ ପୂର୍ବତନ ସାଂସଦ ଶ୍ରୀମତୀ ପି. କୃପାରାଣୀ ଦେବୀ, ଉତ୍କଳ ସମ୍ମିଳନୀ ଅନ୍ତଃରାଷ୍ଟ୍ରୀୟ ସଭାପତି ପ୍ରଫେସର ଡଃ. ଅଦ୍ୱୈତ କୁମାର ପାତ୍ର, ଶ୍ରୀକାକୁଳମ ଉତରାନ୍ଧ୍ର ଓଡ଼ିଆ ସଂଖ୍ୟା ଲଘୁ ସଭାପତି ସତ୍ୟନାରାୟଣ ପାଢ଼ୀ, ଉତ୍କଳ ସମ୍ମିଳନୀ ଉପସଭାପତି ତଥା ଗଞ୍ଜାମ ଜିଲ୍ଲା ସଭାପତି ଡ. ସୁବ୍ରତ କୁମାର ସାହୁ, ଶ୍ରୀକାକୁଲମ ଜିଲ୍ଲା ଶିକ୍ଷା ଅଧିକାରୀ କେ. ଭେଙ୍କଟେଶ୍ୱର ରାଓ, ଓଡ଼ିଆ ବିଦ୍ୟାଳୟ ଉପ ପରିଦର୍ଶକ ଦୁର୍ଗାପ୍ରସାଦ ଚୌଧୁରୀ ଏବଂ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ ପ୍ରମୁଖ ମଂଚାସିନ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ।

ସାଧାରଣ ସମ୍ପାଦକ ଶ୍ରୀ ଦଳେଇ ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ସରକାର ଉତ୍କଳ ସମ୍ମିଳନୀ ଦ୍ୱାରା ନିଯୁକ୍ତ ଶିକ୍ଷକଙ୍କ ଦରମାରେ ୧୫୦୦/- ବୃଦ୍ଧି କରିଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଏହାକୁ ଦ୍ୱିଗୁଣିତ କରିବାକୁ ଅନୁରୋଧ କରିଥିଲେ। ଦ୍ୱିତୀୟତଃ ଓଡ଼ିଶାରେ ଉପାନ୍ତ ଅଂଚଳର ବିଦ୍ୟାର୍ଥୀ ମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ପୂର୍ବରୁ ଦିଆଯାଉଥିବା ୨ ପ୍ରତିଶତ ସଂରକ୍ଷଣ ପୁନଃ ପ୍ରଚଳନ ପାଇଁ ଅନୁରୋଧ କରାଯିବା ସହ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଅଧ୍ୟକ୍ଷା ଶ୍ରୀମତୀ ସାଇରାଜ ଏବଂ ବିଧାୟକ ଅଶୋକ ବାବୁ ତାଙ୍କ ଉଦବୋଧନରେ ଶିକ୍ଷକ ସଂଘର ସମସ୍ୟା ଦୂର କରିବାକୁ ନିର୍ଭରଯୋଗ୍ୟ ପ୍ରତିଶୃତି ପ୍ରଦାନ କରିଥିଲେ। ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ପାତ୍ର ତାଙ୍କ ବକ୍ତବ୍ୟରେ ଶିକ୍ଷକ ସଂଘର ଭୂମିକାକୁ ଭୂୟସୀ ପ୍ରଶଂସା କରି ଆନ୍ଧ୍ର ପ୍ରଦେଶରେ ଲକ୍ଷ ଲକ୍ଷ ଲୋକ ବାସ କରୁଥିବା ବେଳେ ଆମ ପ୍ରତିନିଧି ଭାବରେ ଜଣେ ଜଣେ ଓଡ଼ିଆ ବିଧାୟକ ନିର୍ବାଚିତ ହୋଇ ଆସିବା ଆବଶ୍ୟକ। ଏହି ଅବସରରେ ୬୦୦ରୁ ୫୯୪ ମାର୍କ ପାଇଥିବା ପୁରୁଣା ପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଓଡ଼ିଆ ଛାତ୍ର ମିଟୁ ମହାପାତ୍ର ସମଗ୍ର ଆନ୍ଧ୍ର ପ୍ରଦେଶର ସବୁ ଭାଷାଭାଷୀ ବିଦ୍ୟାଳୟ ମଧ୍ୟରେ ସର୍ବୋଚ୍ଚ ମାର୍କ ରଖି ଉତୀର୍ଣ୍ଣ ହୋଇଥିବାରୁ ତାଙ୍କ ମାତା ପିତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହିତ ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ସହ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀକାକୁଲମ ଶିକ୍ଷା ଜିଲ୍ଲା ଅଧିକାରୀ ଦୁର୍ଗା ପ୍ରସାଦ ଚୌଧୁରୀ, ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ଓଡ଼ିଆ ସାହିତ୍ୟ ସଂସ୍କୃତି ଗବେଷକ ନାଟ୍ୟକାର ଡଃ. ବାୟାମନୁ ଚର୍ଚ୍ଚି, ଇଚ୍ଛାପୁର ବାପୁଜୀ ପାଠାଗାର ସଭାପତି ରଘୁନାଥ ଗୌଡ, ସମ୍ପାଦକ ରାଜେନ୍ଦ୍ର ପଣ୍ଡା, ଅଧ୍ୟାପକ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଡଃ ରାମାରାଓ ମାଝୀ, ଶ୍ରୀମତୀ ଉମା ମହାପାତ୍ର, ଶ୍ରୀମତୀ ସବିତା ନାୟକଙ୍କ ସମେତ ସ୍ଥାନୀୟ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସମେତ ଶ୍ରୀକାକୁଲମ, ମଞ୍ଜୁଷା, ବିଜୟନଗରମ, ଇଚ୍ଛା ପୁର ବିଶାଖାପାଟଣା ପ୍ରଭୃତି ଜିଲ୍ଲାରୁ ସହସ୍ରାଧିକ ଅଭିଭାବକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ବାର୍ଷିକ ଉତ୍ସବ ଏବଂ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୁ ରାମହରି ପାଢ଼ୀ, ପ୍ରମୋଦ କୁମାର ପାଢୀ, ମୂରଲୀ ଦଳାଇ, ନାଲି ଗୋବିନ୍ଦ, ଗଣପତି ସାହୁ ପ୍ରମୁଖ ଶିକ୍ଷକ ସଂଘ କର୍ମକର୍ତାଙ୍କ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ତଥା ସଂଘ ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ସତ୍ୟନାରାୟଣ ପାଢ଼ୀ ସମସ୍ତ ଓଡ଼ିଆ ଭାଇ ଭଉଣୀ ମାନଙ୍କୁ ଏକତ୍ର ହେବା ସହ ଛାତ୍ର ଛାତ୍ରୀ ମାନେ ଅଧିକରୁ ଅଧିକ ଆମ ଅସ୍ମିତା ଓ ଗୌରବକୁ ବୃଦ୍ଧି କରିବାକୁ ଉଦବୋଧନ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗିର ସହରାଚଂଳ ପଣ୍ଡରା ସମାଜର ବାର୍ଷିକ ଅଧିବେଶନ

ବଲାଙ୍ଗିର, ୧୧/୧୨ (ନି.ପ୍ର): ବଲାଙ୍ଗିର ନିକଟସ୍ଥ ଖୁଜେନପାଲି ଶୈବ ପୀଠ ଠାରେ ସହରାଚଂଳ ପଣ୍ଡରା ସମାଜର ବାର୍ଷିକ ଅଧିବେଶନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜର ଇଷ୍ଟଦେବୀ ମା ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ସମାଜର ରାଜ୍ୟ କାର୍ଯ୍ୟକାରିଣୀ କର୍ମକର୍ତା, ସଦସ୍ୟ, ସଦସ୍ୟା ଓ ଉପଦେଷ୍ଟାମାନେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀର ବୈଠକ ପରେ ବଲାଙ୍ଗିର ସହରାଚଂଳ ପଣ୍ଡରା ସମାଜର ଅଧିବେଶନ ଉଭୟ ସଂଗଠନର ସଭାପତି ରସରାଜ ସା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ କରିଥିଲେ ବରିଷ୍ଠ ସଭ୍ୟ ସୁଶୀଳ କୁମାର ବିଶି । ବିନୋଦ ବିହାରୀ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଦୁତୀୟା ଦେହେରୀ । ମୁଖ୍ୟବକ୍ତା ଭାବରେ କ୍ଷମାନିଧି ଝାଙ୍କର ଯୋଗଦେଇ ସମାଜର ହିତ ପାଇଁ ସମସ୍ତେ ଆନ୍ତରିକତାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ କମିଟିର ପଂଚାନନ ଦଳପତି, ରଞ୍ଜନ ମହଲା ନିଜ ନିଜ ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ । ସଭାପତି ରସରାଜ ସା ମଧ ସଂଗଠନର ଏକତା ରକ୍ଷା କରି ଉତ୍ସର୍ଗକୃତ ମନୋଭାବରେ କାମ କଲେ ସମାଜର ଉନ୍ନତି ହେବା ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ଅନୁଷ୍ଠିତ ବିଭନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ଏବଂ କୃତି ଛାତ୍ର କାମାକ୍ଷା ମଲ୍ଲିକଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମାଜର ରାଜ୍ୟ କାର୍ଯ୍ୟକାରି କମିଟିର କର୍ମକର୍ତାମାନଙ୍କ ମଧ୍ୟରେ ରଞ୍ଜନ ମହଲା, ସୁରେନ୍ଦ୍ର ଖମାରି, ବୁଦ୍ଧଦେବ ବିଶି, ଗୋବର୍ଦ୍ଧନ ସାହୁ, ପଂଚାନନ ଦଳପତି, ମୋହନ ବିଶି, ବିରେନ୍ଦ୍ର ପ୍ରସାଦ ଦେହୁରି, ଗୋପବନ୍ଧୁ ବାରିକ, ଖଗେଶ୍ୱର ବୁଡେକ, ବିରାଟ ପାଣ୍ଡେ, ମିତ୍ରୋଦୟ ସାହା, କବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ପରିଶେଷରେ ବିଦ୍ୟାଧର ଦ୍ୱାରି ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନରେଶ ଦ୍ୱାରୀ, ବଳଦେବ ବିଶି, ମାନଭଞ୍ଜନ ସା, ଗଂଗାଧର ଭୋଇ, ଭବାନୀ ଶଙ୍କର ଭୋଇ, ନୟନ ସା, କଳାକାହ୍ନୁ ଚୌହାନ, ସୌମ୍ୟ ରଞ୍ଜନ ଦ୍ୱାରୀ, ସୁଜିତ ଦେହେରୀ, ବାସୁଦେବ ସା, ବିପିନ ବିହାରୀ ନାଏକ, ମୁକେଶ ଭୋଇ, ସନତ ଭୋଇ, ରାମ ପ୍ରସାଦ ସା, ରାଜେଶ ଭୋଇ, କୁନା ବାରିକ, ଧୃବ ଚରଣ ଦ୍ୱାରୀ, ସୁଶିଳ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ଓଷ୍ଟା ମେଧାବୃତ୍ତି ଅନ୍ୱେଷଣ ପରୀକ୍ଷା-୨୦୨୩

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ଆୟୋଜିତ ଓଷ୍ଟା ମେଧାବୃତି ଅନ୍ୱେଷଣ ପରୀକ୍ଷା-୨୦୨୩ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲାର ୯ଟି କେନ୍ଦ୍ରରେ ୧୦୯୧ ପରୀକ୍ଷାର୍ଥୀ ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିଲେ ମଧ ୯୨୨ଜଣ ପରୀକ୍ଷାର୍ଥୀ ନିକଟରେ ପରୀକ୍ଷା ଦେଇଥିଲେ । ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ୍ ୬୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ରାଜ୍ୟର ମୋଟ୍ ୧୦୫ ପରୀକ୍ଷା କେନ୍ଦ୍ରରେ ୯୫୯୬ଜଣ ପରୀକ୍ଷାର୍ଥୀ ମେଧାବୃତି ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଛନ୍ତି ବୋଲି ଓଷ୍ଟା ମେଧାବୃତି ଅନ୍ୱେଷଣ ପରୀକ୍ଷାର ଚେୟାରମ୍ୟାନ୍ ଶିକ୍ଷକ ନେତା ପ୍ରଣବ କୁମାର ଜେନା ସୂଚନା ଦେଇଛନ୍ତି । ଉକ୍ତ ପରୀକ୍ଷାରେ ପ୍ରଥମ ୧୦୦ଜଣ ସ୍ଥାନରେ ଥିବା ପରୀକ୍ଷାର୍ଥୀମାନଙ୍କୁ ସ୍କଲାରସିପ୍ ୩ ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ । ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ସମାପନ ହୋଇଛି ବୋଲି ପରୀକ୍ଷା ଦାୟିତ୍ୱରେ ଥିବା ପ୍ରଣବ କୁମାର ଜେନା ସୂଚନା ପ୍ରଦାନ କରିଛନ୍ତି । ଏହା ସହିତ ମାର୍ଶାଘାଇ ବ୍ଲକର ସିଦ୍ଧ ମରିଚାଣୀ ବିଦ୍ୟାପୀଠ, ମାଣିତ୍ରିର ପ୍ରଧାନ ଶିକ୍ଷକ ଅଭୟ କୁମାର ଦାସଙ୍କର ଅକାଳ ବିୟୋଗ ଖବର ପାଇ ମାର୍ଶାଘାଇ ଓଷ୍ଟା ବ୍ଲକ ସମ୍ପାଦକ ଭଗବାନ ସାହୁଙ୍କ ନେତୃତ୍ୱରେ ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ କୁମାର ଜେନା ସଦସ୍ୟମାନଙ୍କୁ ଭେଟି ସମବେଦନା ଜ୍ଞାପନ ସହ ତାଙ୍କର ପତ୍ନୀ ଭାଗ୍ୟବତୀ ଦାସଙ୍କୁ ରାଜ୍ୟ ଓଷ୍ଟା ଦ୍ୱାରା ପ୍ରଦତ ୫ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିଥିଲେ ।

# କେନ୍ଦ୍ରାପଡ଼ାରେ ଏକାଠି ଲଢିବ ଇଣ୍ଡିଆ ମେଂଟ

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): ଆଜି କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଇଣ୍ଡିଆ ମେ ର ଅଂଶୀଦାର ଦଳମାନଙ୍କର ଏକ ବୈଠକ ଗରାପୁର କଂଗ୍ରେସ କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଂଗ୍ରେସ, ସିପିଆଇ, ସିପିଏମ୍ ଓ ଆପ୍ ଦଳର ଜିଲ୍ଲାସ୍ତରୀୟ ନେତୃମଣ୍ଡଳୀ ଭାଗନେଇ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ଜିଲ୍ଲାର ସମସ୍ତ ୫ଗୋଟି ବିଧାନସଭା କ୍ଷେତ୍ରରେ ମେଂଟ ତରଫରୁ ଜଣେ ଜଣେ ପ୍ରାର୍ଥୀ ଦେଇ ଏକାଠି ଲଢିବାକୁ ସର୍ବସମ୍ମତିମତେ ପ୍ରସ୍ତାବ ଗୃହୀତ ହୋଇଥିଲା । ଗଣେଶ୍ୱର ବେହେରା କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବେ ଉପସ୍ଥିତ ସମସ୍ତ ଇଣ୍ଡିଆ ମେଂଟର ଅଂଶୀଦାର ଦଳମାନଙ୍କୁ ସାଙ୍ଗରେ ଧରି ପରସ୍ପର ମଧ୍ୟରେ ସମନ୍ୱୟ ତଥା ସହଯୋଗ ରକ୍ଷାକରି ପ୍ରତ୍ୟେକ ରାଜନୈତିକ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ରଖିଥିଲେ । ଏତଦ୍‌ବ୍ୟତୀତ ନିମ୍ନମତେ ନିଷ୍ପତି ଗ୍ରହଣ କରାଯାଇଥିଲା । ଆସନ୍ତା ଡିସେମ୍ବର ୨୦ରେ ମେଂଟ ଦଳ ତରଫରୁ ଏକ ମିଳିତ କର୍ମଶାଳା ଆୟୋଜନ କରାଯାଇ ସ୍ଥାନୀୟ ତଥା ରାଜ୍ୟର ଜନସମସ୍ୟା ସଂକ୍ରାନ୍ତରେ ମେଂଟର ଆଭିମୁଖ୍ୟ ନିର୍ଦ୍ଧାରଣ କରାଯିବ । ଚଳିତ ମାସରେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆହୁତ କରାଯିବ । ପୂର୍ବତନ ବିଧାୟକ ଚିନ୍ମୟ ବେଉରା, ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ଦାସ ଆଜିର ବୈଠକରେ କଂଗ୍ରେସ ତରଫରୁ ନଗର ସଭାପତି ରାଜେଶ ମହାନ୍ତି, ଯୁବ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ପୂର୍ବତନ ପିସିସି ସମ୍ପାଦକ ମୁକ୍ତାର ଖାଁ, ସିପିଏମ୍ କେନ୍ଦ୍ରାପଡା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଜଗଜୀବନ ଦାସ, ସିପିଆଇର ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସହସମ୍ପାଦକ ଆଦିକନ୍ଦ ରାଉଳ, ଆପ୍ ଦଳ ତରଫରୁ ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସ, ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ଜିଲ୍ଲା ଯୁବ ସଭାପତି ସାହିଲ୍ ଫଏଜଲ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ଫୁଲବାଣୀରେ ଲୋକ ଅଦାଲତ ଅନେକ ମାମଲାର ଫଇସଲା ଓ ଅର୍ଥ ଅସୁଲି

କନ୍ଧମାଳ, ୧୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଏବଂ ଦୌରା ଜଜ୍ ସତ୍ୟପିର ମିଶ୍ରଙ୍କ ଅଦାଲତରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛିଯେ, ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୧୧୧ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୬୩ ଲକ୍ଷ ୫୨ ହଜାର ୬୧ ଟଙ୍କା ଆଦାୟ କରାଯାଇଥିବାବେଳେ, ୨୪ଟି ବି.ଏସ୍.ଏନ୍.ଏଲ୍. ମାମଲା ବିଚାର କରାଯାଇ ୫୭ ହଜାର୩୨୦ ଟଙ୍କା ଆଦାୟ କରାଯାଇଛି। ସେହିପରି, ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୪ ଗୋଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ୧ ଲକ୍ଷ ଟଙ୍କା ଆଦାୟ କରାଯାଇଥିବାବେଳେ, ୨ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୯ ଲକ୍ଷ ୭୫ ହଜାର ଟଙ୍କା ଆଦାୟ କରାଯାଇଛି । ୧୩ ଗୋଟି ବୈବାହିକ ବିବାଦ ଫଇସଲା କରାଯାଇ ୧ ଲକ୍ଷ ୩୩ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି। ତେବେ, ୧୧ଟି ଅପରାଧିକ କମ୍ପାଉଣ୍ଡେବଲ୍, ୨ଟି ଏନ୍.ଆଇ. ଆକ୍ଟ , ୩ଟି ଅନ୍ୟାନ୍ୟ ସିଭିଲ୍ ମାମଲା ଓ ୨୧୬ ଗୋଟି ଅନ୍ୟାନ୍ୟ ଅପରାଧିକ ମାମଲାର ଫଇସଲା ମଧ କରାଯାଇଛି । ଆଜିର ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ୧୩୫ଟି ଓ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୨୫୧ଟି ମାମଲାର ଫଇସଲା କରାଯାଇଛି ବୋଲି ଜଣାପଡ଼ିଛି। ମାନନୀୟ ଜିଲ୍ଲା ଜଜ୍-ତଥା-ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟପିର ମିଶ୍ର, ପାରିବାରିକ ଅଦାଲତ ବିଚାରପତି, ଫୁଲବାଣୀ ଦେବଦତ ଦାସ, ଅତିରିକ୍ତ ଜିଲ୍ଲା ଜଜ୍ ଓ ସେସନ୍ ଜଜ୍ , ଫୁଲବାଣୀ ସୈକତ୍ ପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, ଫୁଲବାଣୀ ଶ୍ରୀମତୀ ସୌମ୍ୟ ସୁଭଦର୍ଶିନୀ, ସହକାରୀ ସେସନ୍ ଜଜ୍- ମହିଳା କୋର୍ଟ, ଫୁଲବାଣୀ ଶ୍ରୀମତୀ ବିଶ୍ୱକଲ୍ୟାଣୀ ମିଶ୍ର, ପ୍ରଧାନ ମାଜିଷ୍ଟ୍ରେଟ୍, ଜୁଭେନିଲ ଜଷ୍ଟିସ ବୋର୍ଡ, ଫୁଲବାଣୀ ଶ୍ରୀମତୀ ନିତିଶା ଚନ୍ଦକ୍, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ଶ୍ରୀମତୀ ଅନୁଶିଲା ରୟ, ଏସ୍.ଡି.ଜେ.ଏମ୍, ଫୁଲବାଣୀ ଅରିଜିତ୍ ଦାସ, ଜେ.ଏମ୍. ଏଫ୍.ସି., ଫୁଲବାଣୀ ସୁଶ୍ରୀ ସୌମ୍ୟାଶ୍ରୀ ମହାପାତ୍ର ଏବଂ ସୁଶ୍ରୀ ସ୍ୱାଗତିକା ସ୍ୱାଇଁଙ୍କ ଇଜ୍ଲାସରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀର ସମସ୍ତ କର୍ମଚାରୀଙ୍କ ସହାୟତାରେ ଏହି ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୩କୁ ସାଫଲ୍ୟ ମଣ୍ଡିତ କରାଯାଇଥିଲା।

# ଛାତ୍ର ଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ସରକାରଙ୍କ ମୂଳ ଲକ୍ଷ୍ୟ ହେଉ: ନରସିଂହ

ବଲାଙ୍ଗୀର, ୧୧/୧୨ (ନି.ପ୍ର): ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ବର୍ତମାନ ସରକାରଙ୍କ ଦ୍ୱାରା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଚାଲିଛି। ଏହି ଯୋଜନା ଦ୍ୱାରା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଥିବା କ୍ରୀଡା, ସାମାଜିକ, ସାଂସ୍କୃତିକ ଗୁଣର ପରିପ୍ରକାଶ କରେଇବା ମୁଖ୍ୟ ଉଦ୍ଦେଶ୍ୟ ଅଟେ, କିନ୍ତୁ ଏହାର କାର୍ଯ୍ୟକାରିତା ଦେଖିଲେ ଜଣାପଡୁଛି ଏହା କେବଳ ପ୍ରଚାର ସର୍ବସ୍ୱରେ ସୀମିତ। କାରଣ ଯାହା କିଛି ବି କାର୍ଯ୍ୟକ୍ରମ କରାଯାଉଛି ସେଗୁଡିକର ଭିତିଭୂମି କୌଣସି ଶିକ୍ଷାନୁଷ୍ଠାନରେ ନାହିଁ, ତେଣୁ ଛାତ୍ର ଛାତ୍ରୀଙ୍କ ସମନ୍ୱିତ ବିକାଶ ଚିନ୍ତା କଲା ବେଳକୁ ସରକାର ତାହା ପାଇଁ ଦରକାର ଭିତିଭୂମିକୁ ପୂର୍ବରୁ ସୁନିଶଚିତ କରିବା ନିହାତି ଦରକାର ବୋଲି ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ର ପୁର ସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏସ୍ଏସ୍ଡି)ରେ ସରକାରଙ୍କ ଅନୁଦାନ ନିଜ ବକ୍ତବ୍ୟରେ କହିଛନ୍ତି। ଆଜି ବିଦ୍ୟାଳୟର ଅଧକ୍ଷ ସୁଲୟ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଶ୍ରୀ ମିଶ୍ର ଶିକ୍ଷାନୁଷ୍ଠାନମାନଙ୍କ ରେ କ୍ରୀଡା ସଂସ୍କୃତି ସହ ଶିକ୍ଷା ଆହରଣ ର ଏକ ଅନୁକୂଳ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱପୂର୍ଣ୍ଣ ଦେଇଥିଲେ। ସେ କହିଥିଲେ ଶିକ୍ଷା ଦ୍ୱାରା ହିଁ ଦେଶର ଅର୍ଥନୈତିକ ବିକାଶ ହୋଇଥାଏ, ତେଣୁ ଏହା ପାଇଁ ଯାହା ବି ଦରକାର ତାହା ପୁରଣ କରିବା ସରକାର ଙ୍କ ପ୍ରାଥମିକତା ହେବା ଦରକାର, ନଚେତ ସମାଜ ଅନଗ୍ରସରତା ଆଡକୁ କାଟି କରିବା ବୋଲି ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ବିଧାୟକ ଶ୍ରୀ ମିଶ୍ର ଚେତେଇ ଦେଇଥିଲେ । ଏ ଅବସରରେ ଆୟୋଜିତ ପ୍ରତିଯୋଗିତା ଗୁଡ଼ିକର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲ୍ଲାର ୨୬ଟି ବ୍ଲକର ଶ୍ରେଷ୍ଠ ବିବେଚିତ ଚାଷୀ ହେଲେ ପୁରସ୍କୃତ



ବାରିପଦା, ୧୧/୧୨ (ନି.ପ୍ର): କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ଅସମ୍ଭବ। ବେସରକାରୀ ଉଦ୍ୟମରେ ୨୪ବର୍ଷ ଧରି ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାର୍ଣ୍ଡି ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ୨୪ତମ ଜିଲାସ୍ତରୀୟ ବାବୁଲାଲ ଅଗରୱାଲ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଛନ୍ତି। ସେହିପରି ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହେବା ଜରୁରୀ ବୋଲି ମୁଖ୍ୟବକ୍ତା ଭାବରେ ସଦଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯୋଗଦେଇ କହିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ସଂଯୋଜନାରେ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ୨୪ବର୍ଷ ଧରି ବାବୁଲାଲ ଅଗରୱାଲା ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଉଥିବା ଏକ ଉଲ୍ଲେଖନୀୟ କାର୍ଯ୍ୟ ବୋଲି କହିଛନ୍ତି। ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନୀୟ ଅତିଥି ଭାବେ କେନ୍ଦ୍ରାପଡା ଜିଲାର ମୁଖ୍ୟ କୃଷି ଜିଲା ଅଧିକାରୀ ଡ. ମନୋଜ କୁମାର ଚାନ୍ଦ ଏବଂ ଫାଉଣ୍ଡେସନର ସଂଯୋଜକ ରାସେଶ୍ୱର ସାହୁ ପ୍ରମୁଖ ଉଦବୋଧନ ଦେଇ ପାରମ୍ପରିକ ଚାଷ ପଦ୍ଧତିରେ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ ଜରିଆରେ ଚାଷୀର ବିକାଶ ହେବା ସହିତ ପରିବେଶ ପ୍ରଦୂଷଣ ମୁକ୍ତ ହେବା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଜିଲା ପରିବେଶ ସମିତିର ଉପାଧକ୍ଷ ସନ୍ତୋଷ ମହାନ୍ତି, ବାରିପଦା ପୌରାଂଚଳ ପଟ୍ଟା ବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ର, ମୟୂରଭଞ୍ଜ ସାଇନ୍ସ ଫୋରମର ସଭାପତି ଅମିତାଭ ମିଶ୍ର, ଉତ୍କଳମଣି ଗୋପବନ୍ଧୁ ଶିକ୍ଷା ଓ ଶିକ୍ଷକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ ପ୍ରମୁଖ ବାବୁଲାଲ ଅଗରୱାଲାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୁରସ୍କୃତ ଚାଷୀଙ୍କ ମଧ୍ୟରୁ ଦୁଇଜଣ ମହିଳା ଚାଷୀ ଅପର୍ଣ୍ଣା ମହାନ୍ତ ଓ ସ୍ୱାଧୀନ ମହାନ୍ତଙ୍କ ସହ ରମେଶ ଚନ୍ଦ୍ର ଦାସବାବୁ, ଜଳେଶ୍ୱର ମହାନ୍ତ ଓ ଭାଗବତ ବିଶ୍ୱାଳ ପ୍ରମୁଖ ଚାଷ ଜମିରୁ ଉଲ୍ଲେଖନୀୟ ଭାବେ ରୋଜଗାର ହୋଇପାରୁଥିବା ନେଇ ଦର୍ଶାଇଥିଲେ। ପ୍ରାରମ୍ଭରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ଶେଷରେ ଫାଉଣ୍ଡେସନର ସମ୍ପାଦକ ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଜିଲାର ୨୬ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ଜଳେଶ୍ୱର ମହାନ୍ତ ବାରିପଦା, ରୋହିଦାସ ସିଂ ଶାମାଖୁଣ୍ଟା, ରମେଶ ଚନ୍ଦ୍ର ଦାସବାବୁ ଶୁଳିଆପଦା, ସୁଦାଶ ଦଣ୍ଡପାଟ ବେତନଟୀ, ବୈକୁଣ୍ଠ ଗିରି ରାସଗୋବିନ୍ଦପୁର, ସ୍ୱାଧୀନ ମହାନ୍ତ ମୋରଡ଼ା, କରୁଣାକର ମହାନ୍ତି ବଡ଼ସାହି, ଜିତେନ୍ଦ୍ର ବେହେରା ବାଙ୍ଗିରିପୋଷି, ମୃତ୍ୟୁଞ୍ଜୟ ଧଳ କୁଳିଅଣା, ସପନ କୁମାର ଘୋଷ ସାରସକଣା, କୈଳାସ ଚନ୍ଦ୍ର ହାଁସଦା ଉଦଳା, ଭାଗବତ ବିଶ୍ୱାଳ ଗୋପବନ୍ଧୁନଗର, ପ୍ରକାଶ ଚନ୍ଦ୍ର ନାଏକ ଖୁଣ୍ଟା, ରାଜୀବ କୁମାର ଜେନା କପ୍ତିପଦା, ଭୀମସେନ ଟୁଡୁ କରଞ୍ଜିଆ, ଦେବାନନ୍ଦ ପିଙ୍ଗୁଆ ଶୁକ୍ଳି, ହୃଷିକେଶ ସେନାପତି ଠାକୁରମୁଣ୍ଡା, ବିଶ୍ୱ ବିପ୍ଳବ ମହାନ୍ତ ଯଶିପୁର, ଦାମୋଦର ତିରିଆ ରରୁଆଁ, ସୁଗଦା ମାଝୀ ରାଇରଙ୍ଗପୁର, ସୁରେନ୍ଦ୍ର ବେହେରା ବିଶୋଇ, ରମେଶ ଚନ୍ଦ୍ର ସୋରେନ ବିଜାତଳା, ଆନା ସାନ୍ତାଳ କୁସୁମୀ, ରାମେଶ୍ୱର କଣ୍ଡାଙ୍କେଲ ଜାମଦା, ଅପର୍ଣ୍ଣା ମହାନ୍ତ ବହଳଦା ଏବଂ ମହେନ୍ଦ୍ର ବାନ୍ଦରା ତିରିଂ ପ୍ରମୁଖ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।


# ବ୍ୟାଙ୍କ ମିତ୍ର ପଦବୀ ଚଂଚକତା ପ୍ରତିବାଦରେ ବ୍ଲକରେ ମହିଳାଙ୍କ ପ୍ରତିବାଦ



ଖୋର୍ଦ୍ଧା, ୧୧/୧୨ (ନି.ପ୍ର): ବ୍ୟାଙ୍କମିତ୍ର ପଦବୀ ଚଚଂକତା କରାଯାଇଥିବା ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟଠାରେ ମହିଳାମାନେ ପ୍ରତିବାଦ କରିଛନ୍ତି । ଏଥିସହିତ ମହିଳାମାନେ ଏନେଇ ବ୍ଲକ ରେ ଏବଂ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ, ଜଙ୍କିଆ ର କାସ ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ସଭ୍ୟାଙ୍କ ମଧ୍ୟରୁ ସର୍ବ ନିଷ୍ପତି କ୍ରମେ ସଭ୍ୟା ବର୍ଷା ରାଉତରାୟ ଜୁନ ମାସ ୨୦୨୩ ରେ ଏମବିକେ ପାଇଁ ଆବେଦନ କରିଥିଲେ । ଏଥିସହିତ ଅନ୍ୟ ଆଶାୟୀମାନେ ଏହି ପଦବୀ ପାଇଁ ଆବେଦନ କରିଥିଲେ । ସେହି ମାସ ୨୦ତାରିଖରେ ସରକାରୀ ବିଧି ଅନୁସାରେ ଯାଂଚ ଅଧିକାରୀଙ୍କ ଦ୍ୱାରା ଯାଂଚ କରାଯାଇଥିଲା ଏବଂ ବ୍ଲକସ୍ତରୀୟ ମହାସଙ୍ଘ ର ଚିଠି ନମ୍ବର ୫୫ ଅନୁଯାୟୀ ବର୍ଷାଙ୍କ ୨୧ ରୁ ୧୫ ରହିଥିଲା । କିନ୍ତୁ ପରବର୍ତୀ ମୁହୂର୍ତରେ ସମସ୍ତଙ୍କ ଅଗୋଚର ରେ ଚକ୍ରାନ୍ତ କରି ୨୧ ରୁ ୮ ନମ୍ବର ରଖିଥିବା ପ୍ରାର୍ଥିନି ସୁମିତ୍ରା ଶ୍ରୀଚନ୍ଦନଙ୍କୁ ଏମବିକେ ପଦବୀ ପାଇଁ ଚୟନ କରିଥିଲେ । ଯାହାକି ସରକାରୀ ନିୟମ ଉଲ୍ଲଙ୍ଘନ କରାଯାଇ ଚଂଚକତା କରାଯାଇଥିବା ବର୍ଷା ଆଜି ଖୋର୍ଦ୍ଧା ବ୍ଲକ ରେ ଅଭିଯୋଗ କରିବା ସହିତ ଏହି ଘଟଣାର ସଠିକ ତଦନ୍ତ କରିବାକୁ ଦାବି କରିଛନ୍ତି । ସେହିପରି ସେହି ପଂଚାୟତର ବ୍ୟାଙ୍କମିତ୍ର ପାଇଁ ଆବେଦନ କରିଥିବା କଲ୍ୟାଣୀ ସାମନ୍ତରାୟଙ୍କର ସମସ୍ତ କାଗଜପତ୍ର ଯାଂଚ କରାଯାଇ ଅଧିକ ନମ୍ବର ପାଇଥିବାବେଳେ ପର ମୁହୂର୍ତରେ ଅଳ୍ପ ନମ୍ବର ରଖିଥିବା ପ୍ରତିଦ୍ୱନ୍ଦି ପୁଷ୍ପଲତା ସାମନ୍ତରାୟଙ୍କୁ ଚୟନ କରାଯାଇଛି । ଯାହାକି ବେ ଆଇନି ଓ ଅର୍ଥ କାରବାର କରାଯାଇ ଏ ସବୁ ହୋଇଥିବା କଲ୍ୟାଣୀ ସାମନ୍ତରାୟ ଅଭିଯୋଗ କରିଛନ୍ତି । ଏ ନେଇ ଆଜି ବର୍ଷା ରାଉତରାୟ ଓ କଲ୍ୟାଣୀ ସାମନ୍ତରାୟଙ୍କ ସହିତ ମହିଳା ଗୋଷ୍ଠୀର ସଦସ୍ୟମାନେ ଖୋର୍ଦ୍ଧା ବ୍ଲକ ସମ୍ମୁଖରେ ଧାରଣା ରେ ବସିବା ସହିତ ନ୍ୟାୟ ପାଇଁ ବିଡ଼ିଓ, ଜିଲ୍ଲାପାଳ, ପିଡ଼ିଡିଆରଡିଏଙ୍କୁ ଅଭିଯୋଗ ପତ୍ର ଦେଇଥିବା ବେଳେ ଏହାର ପ୍ରକୃତ ତଦନ୍ତ କରାଯିବାକୁ ଦାବି କରିଛନ୍ତି ।

# ପ୍ରାଣନାଥ ମହାବିଦ୍ୟାଳୟରେ ଭାରତୀୟ ଭାଷା ଦିବସ ପାଳିତ

ଖୋର୍ଦ୍ଧା, ୧୧/୧୨ (ନି.ପ୍ର): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି । ଉପାଧକ୍ଷା ଡ. ବିନୋଦିନୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମାନରେ ବିଭାଗୀୟ ମୁଖ୍ୟ ଡ. ସୁନିତା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ ସହ ଭିତି ପ୍ରବନ୍ଧ ଉପସ୍ଥାପନା କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ଗୋପାଳକୃଷ୍ଣ ଦାସ ଗ୍ରୀକ୍, ରୋମାନ୍ ଓ ଇଂରାଜୀ ଆଦି ପାଶ୍ଚାତ୍ୟ ସାହିତ୍ୟ ସହ ଭାରତୀୟ ଭାଷା ଓ ସାହିତ୍ୟର ଉତ୍କର୍ଷ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ । ଡ.ଅରବିନ୍ଦ ପ୍ରଧାନ, ଅଧ୍ୟାପକ ଭଗବାନ ଖିଲାର ଭାରତୀୟ ଭାଷା ଓ ଲିପିର ଉତ୍ପତି ଓ କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କଳ୍ପନା ମଲିକ, ଇଂରାଜୀ ଅଧ୍ୟାପିକା ଜୟନ୍ତୀ ସିଂହ, ସଂସ୍କୃତ ଅଧ୍ୟାପିକା ଡ.ରଶ୍ମି କର, ଡ. ବନଜ୍ୟୋସ୍ନା ମିଶ୍ର ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ହୋଇଥିବା ବକ୍ତୃତା ଓ କବିତା ରଚନା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଉପାଧକ୍ଷା ଡ. ମିଶ୍ର ପୁରସ୍କୃତ କରିଥିଲେ । ସର୍ବଶେଷରେ ଅଧ୍ୟାପକ ଭଗବାନ ଖିଲାର ସଂଗୀତ ପରିବେଷଣ କରିଥିଲେ ।




# ବିଜେଡିର ରେମୁଣା ବ୍ଲକ ଦାୟିତ୍ୱରେ ମନୋଜ ଓ ଏନଏସିର ମଂଗ ସମ୍ଭାଳିବେ ରାମନାରାୟଣ

ରେମୁଣା, ୧୧/୧୨ (ନି.ପ୍ର): ବିଜୁ ଜନତା ଦଳର ରେମୁଣା ବ୍ଲକର ନୂତନ ସଭାପତି ଭାବରେ ବାଲେଶ୍ୱର ଜିଲ୍ଲା କମିଟିର ସଂପାଦକ ମନୋଜ କୁମାର ରାଉତଂକୁ ନିଯୁକ୍ତି ଦିଆଯାଇଛି। ସେହିପରି ଦଳର ଅନ୍ୟତମ ବରିଷ୍ଠ କର୍ମୀ ଅବସର ପ୍ରାପ୍ତ ପୋଲିସ ଅଧିକାରୀ ରାମ ନାରାୟଣ ବେହେରାଂକୁ ନବ ଗଠିତ ରେମୁଣା ଏନ ଏ ସି ର ପ୍ରଥମ ଦଳୀୟ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସାଧାରଣ ନିର୍ବାଚନ,୨୦୨୪ ପ୍ରାକ କାଳରେ ଉଭୟ ଅଭିଜ୍ଞ ଦଳୀୟ ନେତାଂକୁ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦ୍ୱାରା ରେମୁଣା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଅଧିକ ସଂଗଠିତ ଓ କ୍ରିୟାଶୀଳ ହେବ ବୋଲି ବିବେଚନା କରାଯାଉଛି। ସେହିପରି ବରିଷ୍ଠ ସାମ୍ବାଦିକ ରବି ରାଉତଂକୁ ଜିଲ୍ଲାର ଅନ୍ୟତମ ସାଧାରଣ ସଂପାଦକ ଭାବରେ ନିଯୁକ୍ତି ଦିଆଯାଇଛି।ବିଜୁ ଜନତା ଦଳର ରାଜ୍ୟ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଆଜି ଏକ ପ୍ରେସ ବିଜ୍ଞପ୍ତିରେ ଏହି ନୂତନ ନିଯୁକ୍ତି ସଂପର୍କରେ ଦର୍ଶାଇଛନ୍ତି। ଆଜିର ଏହି ନୂତନ ନିଯୁକ୍ତି ପରେ ରେମୁଣା ବ୍ଲକର ନୂତନ ସଭାପତି ମନୋଜ କୁମାର ରାଉତ, ରେମୁଣା ଏନ ଏ ସି ର ପ୍ରଥମ ଦଳୀୟ ସଭାପତି ରାମନାରାୟଣ ବେହେରା, ଜିଲ୍ଲା କମିଟିର ଅନ୍ୟତମ ସାଧାରଣ ସଂପାଦକ ରବି ରାଉତ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ୫ଟି ତଥା ନବୀନ ଓଡିଶା ଅଧକ୍ଷ ଭି କେ ପାଣ୍ଡିଆନ, ରାଜ୍ୟ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ,ଶକ୍ତି, ଶିଳ୍ପ,ଏମ ଏସ ଏମ ଇ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ, ଓଡିଆ ଭାଷା ,ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ, ଅବକାରୀ ବିଭାଗ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାର ବରିଷ୍ଠ ଉପ ସଭାପତି ପ୍ରଭାତ କୁମାର ବିଶ୍ୱାଳ, ଉପ ସଭାପତି ନଳିନୀ ପଣ୍ଡାଂକ ସମେତ ଦଳର ସମସ୍ତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାମାନଂକୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୨୩ତମ ବୃହତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ, ୧୧/୧୨ (ନି.ପ୍ର): ଆଜି ସନ୍ଧ୍ୟାରେ ଜୟଦେବ ସଦନ ପରିସରରେ ୨୩ତମ ବୃହତ୍ତ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଯୋଗ ଦେଇଥିଲେ। ମେଜର ପୋର୍ଟ ସ୍ପୋର୍ଟସ୍ କଲଚରାଲ ବୋର୍ଡ ଓ ପାରାଦୀପ ବନ୍ଦର ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଜବାହାରଲାଲ୍ ନେହେରୁ ବନ୍ଦର ଦଳଗତ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ଶ୍ୟାମାପଦ ମୁଖାର୍ଜୀ ବନ୍ଦର ପ୍ରଥମ ରନର୍ସଅପ୍ ଓ ମୁମ୍ବାଇ ବନ୍ଦର ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ବାଦ୍ୟଯନ୍ତ୍ରରେ ପାରାଦୀପ ବନ୍ଦରର ଶୁଭେନ୍ଦ୍ର କୁମାର ସେଠୀ ଓ ଶ୍ରେଷ୍ଠ ନାରୀ କଳାକାର (ସପୋର୍ଟିଙ୍ଗ) ସ୍ୱର୍ଣ୍ଣଲତା ତ୍ରିପାଠୀ ପୁରସ୍କାର ହାସଲ କରିଥିଲେ। ଏହି ଉଦ୍ୟାପନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ପାରାଦୀପ ଲେଡିଜ୍ କ୍ଲବ୍ ସଭାନେତ୍ରୀ ପି. ଗିରିଜା ସୁନ୍ଦରୀ ଉପସ୍ଥିତ ଥିଲେ। ଦେଶର ୧୦ ଗୋଟି ବୃହତ୍ତ ବନ୍ଦରରୁ ୨୦୦ ପ୍ରତିଯୋଗୀ ଏହି ମହୋତ୍ସବରେ ଯୋଗ ଦେଇଥିଲେ। ଏହି ଉଦଯାପନୀ ସମାରୋହରେ ସଭାପତିତ୍ୱ କରିଥିଲେ ଆୟୋଜନ କମିଟିର ଅଧକ୍ଷ ଡି.ଏନ୍.ଷୋଣ୍ଡୀ। ଆୟୋଜନ କମିଟିର ସମ୍ପାଦକ ଡା.ଦୁର୍ଗା ପ୍ରସାଦ ସେଠୀଙ୍କ ସମେତ ଯୁଗ୍ମ ସମ୍ପାଦକ ରଂଜନରଶ୍ମୀ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାରାଦୀପ ବନ୍ଦର ଡି.ଟି.ଏମ୍. ଶ୍ରୀମନ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ବୋଲି ପାରଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ସରକାରୀ ଖାତାକୁ ଗଲା...

ଟ୍ୟାକ୍ସ ଚୋରି ଅଭିଯୋଗରେ ଓଡ଼ିଶା ସହିତ ୩ ରାଜ୍ୟରେ ଆୟକର ବିଭାଗ ୫ ଦିନ ପୂର୍ବେ ଚଢାଉ ଆରମ୍ଭ କରିଥିଲା। ଏହା ପରେ ସୋମବାର ଧୀରଜ ସାହୁଙ୍କ ସହଯୋଗୀ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ସ୍ତ୍ରୀଙ୍କ ଆକ୍ସିସ୍ ବ୍ୟାଙ୍କରେ ଆକାଉଣ୍ଟ ଓ ଲକର ଯାଞ୍ଚ କରିଛି ଆୟକର ଅଧିକାରୀ । ଆକ୍ସିସ ବ୍ୟାଙ୍କ ଲକରରୁ ବାହାରିଛି ୩ଟି ବ୍ୟାଗ୍ । ବ୍ୟାଗରେ ସୁନା ଗହଣା, ଡାଇମଣ୍ଡ, ଫିକ୍ସଡ ଡିପୋଜିଟ୍, କିଛି ସୁନା ବିସ୍କୁଟ ସହ ଜମି କାଗଜପତ୍ର ଥିବା ସୂଚନା ମିଳିଛି। ଗତକାଲି ଏସବିଆଇ ବଲାଙ୍ଗିରର ଆଞ୍ଚଳିକ ପ୍ରବନ୍ଧକ ଭଗତ ବେହେରା କହିଥିଲେ ଯେ, ଗତ ୩ ଦିନରେ କର୍ମଚାରୀ ଯେତେ ନଗଦ ଗଣିଛନ୍ତି, ତାହା ଗୋଟିଏ ବର୍ଷର ନଗଦି ଗଣତିଠୁ ଢେର ଗୁଣ ଅଧିକ ରହିଛି। ଏଥିରେ ୧୦୦ ଟଙ୍କିଆ, ୨୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ନୋଟ୍ ସାମିଲ୍ ଥିଲା, ଯାହା ୧୭୬ ବ୍ୟାଗରେ ଭର୍ତ୍ତି ହୋଇଥିଲା। ବ୍ୟାଗଗୁଡ଼ିକୁ ବଲାଙ୍ଗିର ସହରର ସୁଧପଡ଼ା ଅଞ୍ଚଳରେ ସ୍ଥିତ ମଦ କମ୍ପାନୀର ଅଫିସରୁ ବଲାଙ୍ଗିର ଏସବିଆଇ ମୁଖ୍ୟ ଶାଖାକୁ ଅଣା ଯାଇଥିଲା। ଏତେ ମାତ୍ରାରେ ଟଙ୍କା ଗଣି ଗଣି କର୍ମଚାରୀ ଥକି ପଡ଼ିଥିଲେ। ଶୌଚାଳୟ ବିରତିକୁ ଛାଡ଼ି ପୂରା ଦିନ ରାତି ଗଣତିରେ କର୍ମଚାରୀ ଜୁଟି ଥିଲେ ବୋଲି ଆଞ୍ଚଳିକ ପ୍ରବନ୍ଧକ ଭଗତ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟା ସୁଦ୍ଧା ବଲାଙ୍ଗିର, ଟିଟିଲାଗଡ଼ ଓ ସମ୍ବଲପୁରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ତିନି ଶାଖାର ବ୍ୟାଙ୍କ ଅଧିକାରୀ ପାଖାପାଖି ୪୦ରୁ ଅଧିକ ମେସିନ ଓ ୮୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରି ଟଙ୍କା ଗଣତି କରିଥିଲେ। ଟିଟିଲାଗଡ଼ ଓ ସମ୍ବଲପୁର ଶାଖାରେ ଟଙ୍କା ଗଣତି ସରିଥିଲେ ମଧ୍ୟ ବଲାଙ୍ଗିରରେ ଟଙ୍କା ଗଣତିରେ କର୍ମଚାରୀ ହାଲିଆ ହୋଇ ପଡ଼ିଥିଲେ। ଏପରିକି ମେସିନ ମଧ୍ୟ ଖରାପ ହୋଇ ପଡ଼ିଥିଲା। ତିନି ଶାଖାରୁ ପାଖାପାଖି ୩୫୩ କୋଟି ଟଙ୍କା ମିଳିଥିଲା। ଏଥିରୁ କେବଳ ବଲାଙ୍ଗିର ଏସବିଆଇ ମୁଖ୍ୟ ଶାଖାରୁ ୩୦୫ କୋଟି ଟଙ୍କା ମିଳିଛି। ଦୀର୍ଘ ୫ ଦିନ ପରେ ବଲାଙ୍ଗିର ଶାଖାରେ ରବିବାର ରାତି ପ୍ରାୟ ସାଢେ ୮ଟାରେ ଗଣତି ଶେଷ ହୋଇଛି। କେବଳ ଏଠାରେ ୨୫ ମେସିନ ଓ ୫୦ ଜଣ କର୍ମଚାରୀ ଟଙ୍କା ଗଣତିରେ ନିୟୋଜିତ ହୋଇଥିଲେ।

## ଲୋକଙ୍କୁ ମିଳିବ...

ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଖୁବଶୀଘ୍ର ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ହ୍ରାସ ପାଇବ। ତୈଳ ମାର୍କେଟିଂ କମିଟି (ଓଏମସି) ଏବେ ଉଭୟ ପେଟ୍ରୋଲ ଓ ଡିଜେଲରୁ ଅଧିକରୁ ଅଧିକ ଲାଭ ପାଇବାରେ ଲାଗିଛି। ତେଣୁ ସରକାର ଏହି ଲାଭରୁ କିଛି ଫାଇଦା ଲୋକଙ୍କୁ ଦେବାକୁ ଚାହୁଁଛନ୍ତି। ଅର୍ଥ ଓ ତୈଳ ମନ୍ତ୍ରଣାଳୟ ବର୍ତ୍ତମାନ ଅଶୋଧିତ ତୈଳ ଦାମ ଉପରେ ନଜର ରଖିଛନ୍ତି। ଓଏମସିଗୁଡ଼ିକ ପାଉଥିବା ଲାଭ ଓ ବିଶ୍ୱର ବିଭିନ୍ନ ପ୍ରସଙ୍ଗ ଉପରେ ଦୁଇ ମନ୍ତ୍ରଣାଳୟ ଆଲୋଚନା କରୁଛନ୍ତି। ଏବେ ଓଏମସିଗୁଡ଼ିକ ପେଟ୍ରୋଲ ଲିଟର ପିଛା ୮ରୁ ୧୦ ଟଙ୍କା ଲାଭ ପାଉଛି। ସେହିପରି ଗୋଟିଏ ଲିଟର ଡିଜେଲରୁ ସଂସ୍ଥାଗୁଡ଼ିକୁ ୩ରୁ ୪ ଟଙ୍କା ଫାଇଦା ମିଳୁଛି। ୨୦୨୨ରେ ପେଟ୍ରୋଲ ଲିଟର ପିଛା ୧୭ ଟଙ୍କା ଓ ଡିଜେଲ ଲିଟର ପିଛା ୩୫ ଟଙ୍କା କ୍ଷତିରେ ଓଏମସିଗୁଡ଼ିକ ଲୋକଙ୍କୁ ତୈଳ ଯୋଗାଇ ଦେଉଥିଲେ। ଏବେ କିନ୍ତୁ କ୍ଷତିର ପରିମାଣ ହ୍ରାସ ପାଇବାରେ ଲାଗିଛି। ବିଗତ ୩ଟି ତ୍ରୈମାସିକରେ ଅନେକ ଲାଭ ମିଳିଛି। ଆଇଓସି, ଏଚପିସିଏଲ ଓ ବିପିସିଏଲ ଗତ କ୍ୱାର୍ଟରରେ ୨୮ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ତେଣୁ ଏହାର କିଛି ଅଂଶ ଲୋକଙ୍କୁ ଦେବା ପାଇଁ ସରକାର ଚାହୁଁଛନ୍ତି। ଦର ହ୍ରାସ ପାଇଲେ ସରକାର ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସଫଳ ହେବେ। ବର୍ଷେରୁ ଅଧିକ ସମୟ ହେଲା ପୂରା ଦେଶରେ ଉଭୟ ପେଟ୍ରୋଲ ଓ ଡିଜେଲର ଦାମ ସ୍ଥିର ରହିଛି। ଗତବର୍ଷ ମେ' ୨୧ରେ ଶେଷଥର ପାଇଁ ତୈଳ ଦର ହ୍ରାସ ପାଇଥିଲା। ପେଟ୍ରୋଲ ଉପରୁ ୮ ଟଙ୍କା ଓ ଡିଜେଲ ଉପରୁ ୬ ଟଙ୍କାର ସୀମା ଶୁଳ୍କ ଛାଡ଼ କରାଯିବାରୁ ତୈଳ ଦାମ କମିଥିଲା।

## ପୁରୀରେ...

ପୁଲିସ୍‌ର ଚଢ଼ାଉ ବେଳେ ଖସି ଯିବାକୁ ଉଦ୍ୟମ କରିଥିଲା ସନ୍ତୁ। ସେ ପୁଲିସ୍ ଉପରକୁ ଗୁଳି କରିଥିଲା। ପୁଲିସ୍ ଏହାର ଜବାବ ଦେଇଥିଲା। ପୁଲିସ୍ ସହିତ ତା'ର ଗୁଳି ବିନିମୟ ହୋଇଥିଲା। ପୁଲିସ୍ ଗୁଳିରେ ସେ ଆହତ ହୋଇଛି। ତା' ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗତ ନଭେମ୍ବର ୨୩ ତାରିଖରେ ସନ୍ତୁ ବାରିକ ସହିତ ଜଣେ ସାଇକେଲ୍ ଆରୋହୀଙ୍କର ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍କ୍ଷିପ୍ତ ହୋଇ ସନ୍ତୁ ଘରକୁ ଯାଇ ଏକ ପିସ୍ତଲଆଣି ଉକ୍ତ ବ୍ୟକ୍ତିଙ୍କୁ ମାରିବାକୁ ଖୋଜି ଥିଲା। ଝିଲି ସାହୁଙ୍କ ଘରେ ସେହି ବ୍ୟକ୍ତି ଲୁଚିଥିବା ସେ ସନ୍ଦେହ କରିଥିଲେ। ତେଣୁ ଝିଲି ସାହୁଙ୍କୁ ଧମକ ଚମକ ଦେବା ପରେ ତାଙ୍କୁ ଗୁଳି କରିଥିଲେ। ଏହି ଘଟଣାରେ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ତିନିଟି ଟିମ୍ ଗଠନ କରି ସନ୍ତୁ ବାରିକଙ୍କୁ ଖୋଜୁଥିଲା। ଆଜି ସେ ଗିରଳ ଜଙ୍ଗଲରେ ଲୁଚିଥିବା ନେଇ ପୁଲିସ୍ ଖବର ପାଇବା ପରେ ଚଢ଼ାଉ କରିଥିଲା। ସନ୍ତୁ ବାରିକ ଠାରୁ ଏକ ପିସ୍ତଲ ଜବତ କରାଯାଇଛି। ସନ୍ତୁ ନାଁରେ ପୂର୍ବରୁ ମାମଲା ରହିଛି। ୨୦୨୨ ଜାନୁଆରୀ ୨୮ ତାରିଖରେ ବ୍ରହ୍ମଗିରି ଥାନାରେ ତା' ନାଁରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଆଉ କେଉଁ କେଉଁ ଥାନାରେ ତା' ନାଁରେ ମାମଲା ରୁଜୁ ହୋଇଛି, ସେ ନେଇ ତଥ୍ୟ ସଂଗ୍ରହ କରୁଛି ପୁଲିସ୍।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଜନସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ




ଭଦ୍ରକ, ୧୧/୧୨ (ନି.ପ୍ର): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ ଜନସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ଅଧକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ସମାଜସେବୀ ତ୍ୟାଗଭୂମି ମହୋତ୍ସବର ସଭାପତି ସୁସାହିତ୍ୟିକ ଶ୍ରୀଯୁକ୍ତ ଅଜୟ କୁମାର ନାୟକ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ କହିଲେ ଯେ ସମନ୍ୱିତ ଯୁବ ଶକ୍ତି ହିଁ ଅତ୍ୟାଧୁନିକ ଭାରତ ନିର୍ମାଣର ପ୍ରାଣକେନ୍ଦ୍ର। ବିଶେଷତଃ ଏକ ସଂସ୍କୃତି ସଂପନ୍ନ ରାଷ୍ଟ୍ରରେ ସୁଶୃଙ୍ଖଳିତ ଓ କର୍ମତତ୍ପର ହୋଇଥାଏ। ଏଥିନିମିତ୍ତ ସଂସ୍କୃତ ଭାଷାର ଅନୁଶୀଳନ ଅତୀବ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ପୂର୍ବତନ ଅଧକ୍ଷ ଡଃ କୃପାସିନ୍ଧୁ ନାୟକ ଉକ୍ତ ଗାରିମାମୟ ଶିକ୍ଷାନୁଷ୍ଠାନରେ ଯଶଗାନ କରିବା ସହିତ ଛାତ୍ର-ଛାତ୍ରୀମାନେ ଅଧ୍ୟୟନ କରିବା ସଂଗେ ସଂଗେ ବାହ୍ୟିକ ବିକାଶ ପ୍ରତି ଯତ୍ନବାନ ହେବା ବିଧେୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଡ. ପ୍ରମୋଦ କୁମାର ନାୟକ, କାଉନ୍‌ସିଲର ସେକ୍ ଜୁଲୁଫ ଫିକଲ ଅଲ୍ଲି, ଶ୍ରୀମତୀ ରାଜଲକ୍ଷ୍ମୀ ମହାପାତ୍ର ଓ ବସୁମିତ୍ରା ସାହୁ ଯୁବଶକ୍ତିର ବିକାଶରେ ଛାତ୍ର-ଛାତ୍ରୀମାନେ ସାମିଲ ହେବା ନିମିତ୍ତ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟାପିକା ମଞ୍ଜୁଲତା ମହାପାତ୍ର, କର୍ମଚାରୀ ରଘୁନାଥ ନାୟକ, ସୁବାଷ ଚନ୍ଦ୍ର ମିଶ୍ର ଓ ଗୌରାଙ୍ଗ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡାଙ୍କ ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ କରାଯାଇଥିଲା।

# ଭାଜପା ମୁଖପାତ୍ରଙ୍କ ଚାଏପେ ଚର୍ଚ୍ଚା: ବଢୁଛି ଜନ ସମର୍ଥନ

ଖଇରା, ୧୧/୧୨ (ନି.ପ୍ର): ଭାଜପା ମୁଖପାତ୍ର ତଥା ବାଲେଶ୍ୱର ଜିଲା ଖଇରା ବ୍ଲକ ପାର୍ବତୀପୁର ଗ୍ରାମ ନିବାସୀ ଠାକୁର ରଞ୍ଜିତ ଦାସ ନିଆରା ଢଙ୍ଗରେ ଚାଏ ପେ ଚର୍ଚ୍ଚାରେ ବିଭିନ୍ନ ପଞ୍ଚାୟତ ଗସ୍ତକରି ଭୋଟରଙ୍କ ସୁଖଦୁଃଖ ବୁଝିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରି ଭୋଟରଙ୍କ ନିକଟର ହେବାକୁ ପ୍ରୟାଶ ଚଳାଇଛନ୍ତି । ତାଙ୍କ ଦ୍ୱାରା ଯାହା ସମ୍ଭବ ସେଭଳି ସହଯୋଗ ମଧ୍ୟ ଜାରି ରଖିଛନ୍ତି ।ଯାହାଫଳରେ ତାଙ୍କ ପ୍ରତି ଜନସମର୍ଥନ ବଢୁଥିବାର ଦେଖିବାକୁ ମିଳିଛି ବିଭିନ୍ନ ପଞ୍ଚାୟତର ଛାକ ଯାଗା ମାନଙ୍କରେ ଥିବା ଚାହା ଦୋକାନରେ ନିଜ ସମର୍ଥକଙ୍କ ଚାହା ଖଟିରେ ବସି ସ୍ଥାନୀୟ ଜନସାଧାରଣଙ୍କ ସହ ଭାବ ବିନିମୟ କରୁଛନ୍ତି । ୨ଦିନ ତଳେ ତୁଡିଗଡିଆ ବଜାରରେ ଏହି ଚାଏପେ ଚର୍ଚ୍ଚାରେ ବେଶ ଭିଡ ଦେଖିବାକୁ ମିଳିଥିବା ବେଳେ ସୋମବାର ଦିନ କୁରୁଣ୍ଟା ବଜାରରେ ଏହି ଚର୍ଚ୍ଚାରେ ଆଖିଦୃଶିଆ ଭାଜପା କର୍ମୀ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା । ଏହି ଚା ଖଟିରେ ପାଖ ଗ୍ରାମର କମଳଲୋଚନ ପ୍ରଧାନ,ଅଭିଳାଶ ବାରିକ,କମଳାକାନ୍ତ ପାଢୀ,ଆଲୋକ ଦଳେଇ,ଭରତ ସାହୁ,କରୁଣାକର ଜେନା,ରାମଚନ୍ଦ୍ର ବାରିକ,ଚନ୍ଦ୍ର ଶେଖର ସାହୁ,ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା । ଏହା ମାଧ୍ୟମରେ ଭୋଟରଙ୍କ ସହ ସିଧାସଳଖ ମିଶିବାର ସୁଯୋଗ ମିଳୁଥିବା ଶ୍ରୀ ଦାସ କହିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଧାନଘେରାରେ ନୂଆ - ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଉଦଳା , ୧୧/୧୨ (ନି.ପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ଧାନଘେରାସ୍ଥିତ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଚଳିତ ଡ଼ିସେମ୍ବର ୮ ତାରିଖ ଶୁକ୍ରବାର ଦିନ ଓଡ଼ିଶା ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଧାରରେ ନୂଆ - ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଉତ୍ସବରେ ଅଧକ୍ଷତା କରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ ସରକାରଙ୍କର ଏହି ପ୍ରୟାସ ବୋଲି ବ୍ୟକ୍ତ କରିଥିଲେ । ଖୁଂଟା ପଂଚାୟତ ସମିତିର ଅଧକ୍ଷ ସୁଧନ୍ୟା ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧାପକ ରଜତ ଚନ୍ଦ୍ର ନାୟକ, କୃଳମଣି ବେହେରା, ଡ଼. ଜୟନ୍ତ କୁମାର ଜେନା ଓ ଗଜେନ୍ଦ୍ର ନାଥ ଦାସ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ହେବାକୁ ଥିବା ସଂସ୍କୃତିକ କାର୍ଯକ୍ରମ , କ୍ରୀଡ଼ା ପ୍ରତିଯୋଗିତା ଓ ସମାଜ ସେବାର ରୂପ ରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହିତ ଉଦ୍‌ଘାଟନ ଉତ୍ସବର ଯବନିକା ପଡ଼ିଥିଲା ।



# ଭଦ୍ରକ ଇନ୍‌ଟାକ୍ ଚ୍ୟାପ୍‌ଟରର ଐତିହାସିକ ସ୍ଥାନ ଭ୍ରମଣ

ଭଦ୍ରକ , ୧୧/୧୨ (ନି.ପ୍ର): ଭଦ୍ରକ ଇନ୍‌ଟାକ୍ ଚ୍ୟାପ୍‌ଟର ତରଫରୁ ଆବାହକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ରବିବାର ଦିନ ଏକ ଭ୍ରମଣ ଯାତ୍ରାର ଆୟୋଜନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଯାତ୍ରା ଆରମ୍ଭ ହୋଇ ସଂଧ୍ୟା ୫ ଘଟିକା ସମୟରେ ଶେଷ ହୋଇଥିଲା। ୫୦ ଜଣ ଇନ୍‌ଟାକ୍ ସଭ୍ୟମାନେ ପରିବାର ସହିତ ଉକ୍ତ ଭ୍ରମଣରେ ଭାଗ ନେଇଥିଲେ। ଆଜୀବନ ସଦସ୍ୟ ଅଜିତ କୁମାର ଦାସ ଭ୍ରମଣକାରୀ ଇନ୍‌ଟାକ୍ ସଦସ୍ୟ ମାନଙ୍କର ଖାଦ୍ୟ ପେୟର ସମସ୍ତ ଖର୍ଚ୍ଚବହନ କରିଥିବାରୁ ତାଙ୍କୁ ଭଦ୍ରକ ଇନ୍‌ଟାକ୍ ତରଫରୁ ଧନ୍ୟବାଦ ଦିଆଯାଇଛି। ଭଦ୍ରକ ବନ୍ତଛକ ନିକଟବର୍ତ୍ତୀ ଜୟଗୁରୁ ମନ୍ଦିର ନିକଟରୁ ଯାତ୍ରା ବସଯୋଗେ ଆରମ୍ଭ ହୋଇ କେଉଁଝର ଜିଲ୍ଲାର




ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରାଯାଇଥିଲା। ବଞ୍ଚୋଠାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର, ଯାହା କିଛିବର୍ଷତଳେ ନୀଳାଚଳଧାମ ପୁରୀ ଶ୍ରୀମନ୍ଦିର ଛାୟାରେ ନିର୍ମାଣ କରାଯାଇଅଛି, ଦର୍ଶନ କରିବାପରେ ଶକ୍ତିପୀଠ ବରାହୀ ମାଆଙ୍କୁ ଦର୍ଶନ କରାଯାଇଥିଲା। ଏହା ସ୍ୱୀକାର୍ଯ୍ୟଯେ ମା' ବରାହୀଙ୍କର ନାମାନୁସାରେ ବଞ୍ଚୋ ଗ୍ରାମଟି ନାମିତ ହୋଇଅଛି। ଏହାପରେ ବସ୍ ପହଞ୍ଚିଥିଲା ଐତିହ୍ୟ ଚକ୍ରତୀର୍ଥରେ। ଏହି ସ୍ଥାନଟି କଳା ଭାସ୍କର୍ଯ୍ୟର ବୋଲି ଭ୍ରମଣକାରୀମାନେ ଅନୁଭବ କଲେ ଏବଂ ଏହା ରାମବାବାଙ୍କର ତପସ୍ୟା ସ୍ଥଳୀ ଥିଲା। ସୁନ୍ଦରାପାଳଠାରେ ଶକ୍ତିପୀଠ ମା' ଗଡ଼ଚଣ୍ଡୀ ମଧ ଅନ୍ୟ ଏକ ଦର୍ଶନୀୟ ସ୍ଥାନ, ଯେଉଁଠି ଭ୍ରମଣକାରୀମାନେ ସମ୍ମିଳିତ ହୋଇଥିଲେ। କେଉଁଝର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ଜଳସେଚିତ କରୁଥିବା ଜଳ ଭଣ୍ଡାର ହଦଗଡ଼ ଡ୍ୟାମ୍ ପ୍ରୋଜେକ୍ଟଠାରେ ଭ୍ରମଣ ପୂର୍ବକ ମଧ୍ୟାହ୍ନ ଭୋଜନରେ ଭ୍ରମଣକାରୀମାନେ ଅଂଶଗ୍ରହଣ କରିଥିଲେ। କେତେଜଣ ସଭ୍ୟ ନିଜ ନିଜ ପରିବାର ସଦସ୍ୟ ଏହି ଯାତ୍ରାରେ ଭାଗନେଇ ଆଜିର ଯାତ୍ରାକୁ ସଫଳ କରିଥିଲେ। ଇନ୍‌ଟାକ୍‌ର ଉକ୍ତ ଭ୍ରମଣ ଯାତ୍ରାରେ ଭାଗନେଇଥିବା ସଦସ୍ୟମାନେ ହେଲେ ସର୍ବଶ୍ରୀ ଦିଗମ୍ବର ମହାନ୍ତି, ଶାନ୍ତନୁ କୁମାର ରାଉତ, ବାବୁଲାଲ ଦାସ, ଡ. ଭାଗବତ ତ୍ରିପାଠୀ, ବାଦଲ କିଶୋର ମହାପାତ୍ର, ମଧୁସୂଦନ ସାହୁ, କରୁଣାକର ଉପାଧ୍ୟାୟ, ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ, କୈଳାସ ଚନ୍ଦ୍ର ପଣ୍ଡା, ଅରବିନ୍ଦ ବସନ୍ତରାୟ ହରେକୃଷ୍ଣ ସାହୁ, ହରେକୃଷ୍ଣ ତ୍ରିପାଠୀ, ଅଜିତ୍ କୁମାର ନାୟକ, ଅଜିତ୍ କୁମାର ଦାସ, ବିଚିତ୍ରାନନ୍ଦ ମହାନ୍ତି, ବିଜୟ କୁମାର ମହାନ୍ତି, ହରମୋହନ କୁଅଁର, ଉଦୟନାଥ ମହାନ୍ତି, ଇଂ ମନୁଆର ହୁସେନ ଖାଁ, ଅଶୋକ କୁମାର ଦାସ, ଇଂ ସୁବାସ ସାହୁ, ଡଃ ଗୋଲକ ବିହାରୀ ସାହୁ, ସୁବାସ ଚନ୍ଦ୍ର ଦାଶ ଏବଂ ଅନ୍ୟମାନେ ଯୋଗଦାନ କରିଥିଲେ। ଭ୍ରମଣ କାର୍ଯ୍ୟକ୍ରମଟି ଶୃଙ୍ଖଳିତ ଭାବରେ ସମାପନ ହୋଇଥିବାରୁ ଆବାହକଙ୍କୁ ପ୍ରଶଂସା କରାଯାଇଥିଲା।

# ଜିଲ୍ଲା ବ୍ରାହ୍ମଣ ସମିତିର ଆସନ୍ତା ୩ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର, ୧୧/୧୨ (ନି.ପ୍ର): ରବିବାର ଦିନ ଜିଲ୍ଲା ବ୍ରାହ୍ମଣ ସମିତି ପରିଚାଳନା ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ ପରିଷଦ ଗଠନ ପାଇଁ ନିର୍ବାଚନ ଦାମୋଦରପୁରସ୍ଥିତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର କାର୍ଯ୍ୟକାରୀସୀମା ଜିଲ୍ଲାର ସମସ୍ତ ବ୍ଲକ୍ ଓ ବାଲେଶ୍ୱର ପୌରପାଳିକାର ଆଜୀବନ ସଭ୍ୟଗଣ ଉକ୍ତ ନିର୍ବାଚନରେ ଅଂଶଗ୍ରହଣ କରି ନୂତନ ପରିଷଦ ଗଠନ ପାଇଁ କାର୍ଯ୍ୟକର୍ତ୍ତା, ସଦସ୍ୟ ଓ ଉପଦେଷ୍ଟାମାନଙ୍କୁ ସମିତିର ଉପବିଧି ମତେ ଆସନ୍ତା ୩ ବର୍ଷ ପାଇଁ ସର୍ବସମ୍ମତି ମତେ ମନୋନୀତ କରିଥିଲେ। ସମିତିର ବରିଷ୍ଠ ଉପଦେଷ୍ଟା ଶ୍ରୀଯୁକ୍ତ ଗୌରାଙ୍ଗ ପାଣିଗ୍ରାହୀ ନିର୍ବାଚନ ପରିଚାଳନା କରିଥିଲେ। ଉକ୍ତ ନିର୍ବାଚନରେ ନିର୍ବାଚିତ ପ୍ରତିନିଧିମାନେ ହେଲେ ସର୍ବଶ୍ରୀ ଡା. ଶ୍ରୀଶ କୁମାର ଦାଶ ସଭାପତି, ଡ. କ୍ଷିତିଶ୍ୱର ଦାଶ କାର୍ଯ୍ୟକାରୀ ସଭାପତି, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ଶକ୍ତିପଦ ପଣ୍ଡା, ଭୃଗୁରାମ କର, ଗୌରସାଧନ ମିଶ୍ର ଉପସଭାପତି, ଗୌରଚନ୍ଦ୍ର ଦାଶ ସାଧାରଣ ସଂପାଦକ, ସର୍ବେଶ୍ୱର ପତି, ନିରାକାର ଦାଶ, ଶାନ୍ତିସ୍ୱରୂପ ମିଶ୍ର, ଲୋକନାଥ ଧର ସହ ସଂପାଦକ, ସରୋଜ ନାରାୟଣ ଷଡ଼ଙ୍ଗୀ, ବୈଦ୍ୟନାଥ ଆଚାର୍ଯ୍ୟ, ବୁଦ୍ଧିରାମ ପାଣିଗ୍ରାହୀ, ପୁଣ୍ୟଶ୍ଳୋକ ନନ୍ଦ ସଂଗଠନ ସଂପାଦକ, ରମାକାନ୍ତ ଦିକ୍ଷୀତ୍ କୋଷାଦକ୍ଷ, ଚନ୍ଦ୍ରାଂଶୁ ବାନାର୍ଜୀ, ସାଂସ୍କୃତିକ ସଂପାଦକ, ପ୍ରଦୀପ୍ତ ମିଶ୍ର, ସହକାରୀ ସାଂସ୍କୃତିକ ସଂପାଦକ, ବଂଶୀଧର ପଣ୍ଡା ସଭାପତି ଯୁବବାହିନୀ, ଅଧାପିକା ଶ୍ରୀମତୀ ଅନିତା କର ସଭାନେତ୍ରୀ ଶକ୍ତିବାହିନୀ ପଦରେ ଏବଂ ଲକ୍ଷ୍ମୀକାନ୍ତ ନନ୍ଦ, ପ୍ରଦୀପ ମିଶ୍ର, କ୍ଷିତିଶ ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ନନ୍ଦ, ସୁଶାନ୍ତ ପାଣିଗ୍ରାହୀ, ଧର୍ମବ୍ରତ ମିଶ୍ର, ଦୈତାରି ପାଢ଼ୀ, ଉପେନ୍ଦ୍ର କୁମାର ପଣ୍ଡା, ନିରଞ୍ଜନ ମହାପାତ୍ର, ରମାକାନ୍ତ ଶତପଥୀ, ଦୟାନିଧି ପତ୍ରୀ ଓ ବୀରେନ୍ଦ୍ର କୁମାର କର କାର୍ଯ୍ୟକାରୀ ସଦସ୍ୟ ପଦରେ ସମିତିକୁ ସର୍ବସମ୍ମତିମତେ ମନୋନୀତ ହୋଇଛନ୍ତି। ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ଶୁଭଙ୍କର ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ବୀରକିଶୋର ପାଣିଗ୍ରାହୀ, ଭଗବାନ ଆଚାର୍ଯ୍ୟ, କମଳାକାନ୍ତ ତ୍ରିପାଠୀ, ବାସୁଦେବ ପଣ୍ଡା, ହରେକୃଷ୍ଣ ପଣ୍ଡା, ଡ. ଯଦୁନାଥ ମିଶ୍ର ଓ ଗିରିଶ ପାଣିଗ୍ରାହୀ ଉପଦେଷ୍ଟା ଭାବେ ଏବଂ ଅକ୍ଷୟ କୁମାର ତ୍ରିପାଠୀ ହିସାବ ରକ୍ଷକ ଭାବେ ମନୋନୀତ ହୋଇଛନ୍ତି। ଶେଷରେ ଗୌରସାଧନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ବିଜ୍ଞାନ ମେଳା ଅନୁଷ୍ଠିତ




ନୀଳଗିରି, ୧୧/୧୨ (ନି.ପ୍ର): ନୀଳଗିରି ବ୍ଲକ ଅଧିନ କାଂଶ ଉଚ୍ଚ ବିଦ୍ୟାଳୟରେ ସୋମବାର ବାଲ ବୈଜ୍ଞାନିକ ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଛି। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦେଇ ଏହି ମେଳାକୁ ଉଦଘାଟନ କରିଥିଲେ।ମୁଖ୍ୟବକ୍ତା ଭାବେ ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ,ସମ୍ମାନିତ ଅତିଥିଭାବେ ଏବିଇଓ ମିହିର କୁମାର ଦାସ ଓ ଲମ୍ବୋଧର ସିଂ, ଏବିଓ ଶାନ୍ତିଲତା ମହାନ୍ତି, ସିଆରସିସି କାର୍ତ୍ତିକ ମହାପାତ୍ର, ବିଜ୍ଞାନ ମେଳାର ସଂଯୋଜକ ପ୍ରଶାନ୍ତ ବିଶ୍ୱାଳ,ଏସଏମସି ଚେୟାରମ୍ୟାନ ସୁକାନ୍ତ ଦାସ ପ୍ରମୁଖ ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଏଥିରେ ବିଇଓ ସ୍ନିଗ୍ଧା ପଣ୍ଡା ସଭାପତିତ୍ୱ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ,ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରିଣୀ ପ୍ରତିଭା ମଞ୍ଜରି ଦାସ,ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ଏହି ମେଳାରେ ଶିକ୍ଷକ ବିଜୟ କୁମାର ଦାସ ତଦାରଖ ଦାୟିତ୍ୱ ନେଇଥିବା ବେଳେ ସିଆରସିସି ହେମନ୍ତ କୁମାର ମହାପାତ୍ର,ରେଣ୍ଟା ସରେନ,ଦୁଷ୍ମନ୍ତ ନାୟକ,ସୁଶୀଲ ବେହେରା, ସନାତନ ପାଣିଆ, ଶିକ୍ଷକ ଦିଲ୍ଲୀପ ନାୟକ, ମନ୍ମଥ ମଲ୍ଲିକ, ରତିକାନ୍ତ ବେହେରା, ଅରୁଣ ମଲ୍ଲିକ ପ୍ରମୁଖ ସହଯୋଗ କରିଥିବା ବେଳେ ମୋଟ ୧୪୮ଟି ବିଜ୍ଞାନ ଭିତ୍ତିକ ଷ୍ଟଲ ହୋଇଥିଲା।

# ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ବୈଠକ

ଲଙ୍ଗଳେଶ୍ୱର , ୧୧/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ରବିବାର ପଞ୍ଚୁପାଲି ଠାରେ ଗଦାଧର ଗିରି ଙ୍କ ଶ୍ରାଦ୍ଧ ବର୍ଷିକୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ପରିଷଦର ସଭାପତି ଧୀରେନ୍ଦ୍ର ନାଥ ହାଜିରା ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ବୈଠକରେ ଏକ ବଜେଟ , ଅତିଥି ଚୟନ , ପଦଯାତ୍ରା , ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଆବାହକ ବିକାଶ ଚନ୍ଦ୍ର ଗିରି ପ୍ରାକ ସୂଚନା ଓ କାର୍ଯ୍ୟକ୍ରମ ର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସୃଷ୍ଟିଧର ଦାସ ,ଶତ୍ରୁଘ୍ନ ଗିରି, ବଂଶୀଧର ରାଉଳ ,ବଂଶୀଧର ଦାସ ,ବନମାଳୀ ରାଉଳ ,କାର୍ତ୍ତିକ ପାତ୍ର, ବସନ୍ତ ଘଣ୍ଟି ,ବଳରାମ ଦାସ,ବିଦ୍ୟାଧର ପରିଡା ,ବସନ୍ତ ପ୍ରଧାନ, ମନୋଜ ପରିଡା ,କୁମୁଦ ରଞ୍ଜନ ପରିଡା ,ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ପୀତବାସ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବସ୍ତାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

ବସ୍ତା , ୧୧/୧୨ (ନି.ପ୍ର): ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଆସନ୍ତା ୨୫ ଡିସେମ୍ବର ରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବାହାର୍ଦ୍ଦା ଠାରେ ଅନୁଷ୍ଠିତ ହୋଇଯାଇଛି ।ବସ୍ତା ନିର୍ବାଚନ ମଣ୍ଡଳୀ ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ବୈଠକ ରେ ବିଶିଷ୍ଟ ସମାଜସେବୀ ଶ୍ୟାମାପ୍ରସାଦ ବେହେରା ସଭାପତିତ୍ୱ କରିଥିଲେ। ଆସନ୍ତା ଜୟନ୍ତୀ ସମାବେଶରେ ବାଜପେୟୀ ପ୍ରେମୀ ରାଜ୍ୟସ୍ତରୀୟ ଅତିଥି ଯୋଗ ଦେବାସହ ବସ୍ତା ବାଲିଆପାଳ ବ୍ଲକ ର ୧୦ ଜଣ



ପ୍ରତିଭାଧର ଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟ ରେ ବାଜପେୟୀଙ୍କ ବାର୍ତ୍ତା ପ୍ରଚାର ପ୍ରସାର ପାଇଁ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ। ଏହି ବୈଠକରେ ପୂର୍ବତନ ସମିତି ସଦସ୍ୟ ରାଧେଶ୍ୟାମ ମହାପାତ୍ର, ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି,ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂହ,ସୂର୍ଯ୍ୟନାରାୟଣ ସାହୁ, ଧ୍ରୁବ ଚରଣ ନାୟକ, ଅଭିରାମ ମଲ୍ଲିକ, ପ୍ରକାଶ କୁଣ୍ଡୁ, ଶରତ ବାରିକ, ଦିବାକର ରାଉତ,ରଜତ ନାରାୟଣ ଦାଶ, ବିନୋଦ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ନୀଳଗିରି ତାଲୁକ ଆଇନ୍ ସେବା ସମିତିର ମାନବ ଅଧିକାର ଦିବସ ପାଳିତ

ନୀଳଗିରି , ୧୧/୧୨ (ନି.ପ୍ର): ଗତ ୧୦ତାରିଖ ନୀଳଗିରି ତାଲୁକ୍ ଆଇନ ସେବା ସମିତିପକ୍ଷରୁ ରତ୍ନାକର ଟାଉନ ହାଇସ୍କୁଲ ଠାରେ ତାଲୁକ ସେବା ସମିତିର ଅଧକ୍ଷା ବରିଷ୍ଠ ସିଭିଲଜଜ ଶ୍ରୀମତୀ ସୁନନ୍ଦା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ମାନବ ଅଧିକାର ଦିବସ ଉପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଂଶ ଗ୍ରହଣ କରିଥିବା ୧୦ଜଣଙ୍କ ମଧ୍ୟରୁ ତିନିଜଣଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସିଭିଲଜଜ୍ ଶ୍ରୀମତୀ ପ୍ରଧାନ ଏବଂ



ସବଡିଭିଜନାଲ ମାଜିଷ୍ଟ୍ରେଟ ଶ୍ରୀମତୀ ଇପସି ମହାନ୍ତି ଏହି ଦିବସର ଉଦ୍ଦେଶ୍ୟ ବୁଝାଇବା ସଙ୍ଗେ ସଙ୍ଗେ ମାନବ ଅଧିକାର ସୁରକ୍ଷା ପାଇଁ ସମସ୍ତେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସବ୍ ଡିଭିଜନ ବାର ଆସୋସିଏସନ ସଭାପତି ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ବାର ଆସୋସିଏସନର ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବି ମିହିର ରାଉତ ନିଜ ନିଜର ବକ୍ତବ୍ୟ ରଖି ମାନବ ଅଧିକାର ସୁରକ୍ଷା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଡଭୋକେଟ ବିଘ୍ନେଶ୍ୱର ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମିଳିତ ଜାତିସଂଘ ସମ୍ମିଳନୀରେ ମତ ରଖିଲେ କୃଷି ସଚିବ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ସଦ୍ୟସମାପ୍ତ ମିଳିତ ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ ସିଓପି ୨୮ରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ବୈଶ୍ୱିକ ଦର୍ଶକଙ୍କ ସମ୍ମୁଖରେ କୃଷି ଓ ଖାଦ୍ୟ ପ୍ରଣାଳୀରେ ରୂପାନ୍ତର ସଂପର୍କରେ ଏକ ସନ୍ଦର୍ଭ ଉପସ୍ଥାପନ କରିଛନ୍ତି । ପୁନରୁତ୍ପାଦନକ୍ଷମ କୃଷି ଏବଂ ପୋଷଣୀୟ ବୃଦ୍ଧି କିପରି କୃଷି କ୍ଷେତ୍ରରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକର ସଠିକ୍ ମୁକାବିଲା କରିପାରିବା ଦିଗରେ ସକ୍ଷମ ସେ ସଂପର୍କରେ ଦୃଢ଼ ମତପୋଷଣ କରିଥିଲେ। ଡ. ପାଢ଼ୀ ଜଳବାୟୁ ସହନଶୀଳ ଓ ପୁଷ୍ଟିଶସ୍ୟ ମିଲେଟସ୍ କୁ ପ୍ରୋତ୍ସାହନ ଦେବା ଦିଗରେ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟସ୍ ମିଶନ ଓ ଏହାର ସମାବେଶୀ ଦୃଷ୍ଟିକୋଣର ଉଦାହରଣ ଦେଇଥିଲେ । ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ନୀତିନିର୍ଦ୍ଧାରକ, କୃଷି ବିଜ୍ଞାନୀ, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାବିତ୍ ପ୍ରମୁଖ ଓଡ଼ିଶାର ଏହି ଉଲ୍ଲେଖନୀୟ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ ଡ. ପାଢ଼ୀ ନିଜେ ଜଣେ କୃଷି ବିଜ୍ଞାନୀରୁ ସିଭିଲ୍ ସର୍ଭାଂଟ ହୋଇଛନ୍ତି।

# ଖଇରା କଲେଜ ଛାତ୍ରୀଙ୍କ ବାଲ୍ୟ ବିବାହ ସଚେତନତା ରାଲି



ଖଇରା, ୧୧/୧୨ (ନି.ପ୍ର): ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ରେ ବାଲ୍ୟ ବିବାହ ରୋକିବା ଉପରେ ବାଲେଶ୍ୱର ଜିଲା ଖଇରା କଲେଜ ଛାତ୍ରୀଙ୍କ ଦ୍ୱାରା ସାମାଜିକ ସଚେତନତା ଶୋଭାଯାତ୍ରା ଆୟୋଜନ ସାଙ୍ଗକୁ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା । ଯାହାକୁ ଖଇରା ବଜାରବାସୀ ଓ ସୋର-କୁପାରୀ ରାସ୍ତାରେ ଯାଉଥିବା ଯାତ୍ରୀ ମାନେ ମନଭରି ଉପଭୋଗ କରିଥିଲେ । ଅଧ୍ୟକ୍ଷ କମଳାକାନ୍ତ ପତି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ନୋଡାଲ ଅଫସର ପ୍ରଧ୍ୟାପକ ଶଶିକାନ୍ତ ପଣ୍ଡା ଓ ସଂଯୋଜକ ପ୍ରଧ୍ୟାପକ ଡଃ ଗୋପବନ୍ଧୁ ମହାପାତ୍ର, ଦେବବ୍ରତୀ ଦାଶ, ପ୍ରଦୀପ୍ତ କୁମାର ପାଣି, ଜୟନ୍ତ କୁମାର ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା । ପ୍ରଧ୍ୟାପିକା ରିତାଦେବୀ,ଡ ସୁଜିତ କୁମାର ଛାଟିଆ,ଈଶ୍ୱର ପ୍ରସାଦ ରାଉଳ, ପୁଷ୍ପଲତା ନାୟକ,ସୁଶ୍ରୀ ସଙ୍ଗୀତା, ତୃପ୍ତିମୟୀ ଗିରି,ଜିନ୍ ସାଇମନ ସାମଲ,ବିମନ ବାରିକ, ଦିନେଶ ଜେନା,ରମାକାନ୍ତ ମହାନ୍ତି, ବାଞ୍ଛାନିଧି ମିଶ୍ର,ରମାକାନ୍ତ ରଥ ଓ ଜୟକୃଷ୍ଣ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଉଦଳା ମହାବିଦ୍ୟାଳୟରେ ଗଣିତ ବିଭାଗ ଦ୍ୱାରା ପାଠଚକ୍ର ଅନୁଷ୍ଠିତ

ଉଦଳା , ୧୧/୧୨ (ନି.ପ୍ର): ଉଦଳା ମହାବିଦ୍ୟାଳୟର ଗଣିତ ବିଭାଗ ଦ୍ୱାରା ଚଳିତ ଶିକ୍ଷା ବର୍ଷ (୨୦୨୩-୨୪)ର ଚତୁର୍ଥ ପାଠଚକ୍ର ବିଭାଗୀୟ ଅଧାପିକା ଡ଼ଃ ମିନାକ୍ଷୀ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଯତିନ୍ କୁମାର ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ବିଷୟବସ୍ତୁ ବିଶାରଦ ଭାବରେ ମେଘାସନ ମହାବିଦ୍ୟାଳୟ ନୁଦଡ଼ିହାର ବରିଷ୍ଠ ଗଣିତ ବିଭାଗ ଅଧାପକ ରୁପେଶ କୁମାର ମହାପାତ୍ର ଯୋଗ ଦେଇ ନିଜ ବକ୍ତବ୍ୟରେ ସୁଚାଇଥିଲେ ଯେ ପାଠଚକ୍ର ଅନୁଷ୍ଠିତ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନ ଅନ୍ୱେଷଣର ପ୍ରବୃତି ଜାଗ୍ରତ ହୁଏ, ଯାହାକି ତାଙ୍କର ଉଜ୍ୱଳ ଭବିଷ୍ୟତ ଗଠନ ପାଇଁ ସହାୟକ ହୁଏ 'ଗ୍ରୁପ ଥିଓରି' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି ପାଠଚକ୍ରରେ ଛାତ୍ର /ଛାତ୍ରୀ ତାଙ୍କ ସ୍ୱଲିଖିତ ସଂନ୍ଦର୍ଭ ପାଠ କରିଥିଲେ । ପ୍ରଶ୍ନ-ଉତର କାର୍ଯ୍ୟକ୍ରମକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ବିଭାଗୀୟ ଅଧାପକ ବନମାଳୀ ସିଂ । ଜେନେଲିଆ, କରିସ୍ମା, ବିଶାଲ, ପ୍ରତୀକ୍ଷା, ଜ୍ୟୋତିପ୍ରଭା ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଶୀତ ଉତ୍ସବ ଉଦ୍‌ଘାଟିତ

ଜଳେଶ୍ୱର , ୧୧/୧୨ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡିଶା ସଂଗୀତ ନାଟକ ଏକାଡେମୀ ମିଳିତ ସହଯୋଗରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଶୀତ ଉତ୍ସବକୁ ଆଜି ସୋମବାର ପୂର୍ବାହ୍ନରେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶ୍ରୀ ବିଶ୍ୱାଳ ରସକଲୋଳର ରଚୟିତା କବି ଦୀନକୃଷ୍ଣ ଦାସ ଓ ବ୍ୟାସକବି



ଫକୀରମୋହନ ସେନାପତିଙ୍କ ଭାରତୀୟ ସାହିତ୍ୟକୁ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ସାହିତ୍ୟ ଏକାଡେମୀର ଉପସଭାପତି ସଂଗ୍ରାମ ଜେନା ପ୍ରମୁଖ ଯୋଗ ଦେଇ ଉପାନ୍ତ ଅଂଚଳରେ ଭାଷା, ସାହିତ୍ୟ, ସଂସ୍କୃତି, କଳା କ୍ଷେତ୍ରରେ ବିକାଶରେ ଏହା ସହାୟକ ହେବ ବୋଲି କହିଥିଲେ । ସଂଜୟ କୁମାର ଛୟାସୀ ମଂଚ ସଂଯୋଜନା କରିଥିବା ବେଳେ ରାଜ୍ୟର ବହୁ ଖ୍ୟାତିସମ୍ପନ୍ନ ସାହିତ୍ୟିକ, କବି, ଲେଖକ, ଗବେଷକ, ସ୍ଥାନୀୟ ନେତୃମଣ୍ଡଳୀ, ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ଯୋଗ ଦେଇଥିଲେ । ପୂର୍ବାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ କାଳୀମନ୍ଦିର ନିକଟରୁ ଶହ ଶହ ଛାତ୍ରଛାତ୍ରୀ ଏକ ବିଶାଳ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲେ । ୨ୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡ. ମନୋରାମ ବିଶ୍ୱାଳ ମହାପାତ୍ର ଅଧ୍ୟକ୍ଷତା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo